

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୨୨ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 22 MAY 2022

Vol.No. 33 ■ No. 133 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧

ମାରିୟୁପୋଲ ଦଖଲ କଲା ରଷ ସେନା

ନୂଆଦିଲ୍ଲୀ, ୨୧/୦୫ : ୟୁକ୍ରେନ ଉପରେ ରଷର ଆକ୍ରମଣକୁ ୩ ମାସ ପୁରିବାକୁ ଯାଉଛି । ଏହି ଯୁଦ୍ଧ ସମୟରେ ଉଭୟ ଦେଶର ସେନାଙ୍କୁ ଛାଡି ହଜାର ହଜାର ସାଧାରଣ ଲୋକ ମୃତ୍ୟୁବରଣ କରିଛନ୍ତି । ଶହ ଶହ କୋଟି ଟଙ୍କାର ସରକାରୀ ଓ ବ୍ୟକ୍ତିଗତ ସଂପତ୍ତି ଏବେ ଧ୍ୱଂସ ସ୍ତୁପରେ ପରିଣତ ହୋଇଛି । ବାକି ବଞ୍ଚିଯାଇଥିବା ଲୋକମାନେ ଏବେ ଧୂଆଁ ଘେରରେ । ଏଭଳି ସ୍ଥିତିରେ ବି କେହି କାହାକୁ ଛାଡିବାକୁ ନାରାଜ । ହେଲେ ଏବେ ରଷ ଦାବି କରିଛି କି ୟୁକ୍ରେନର ସବୁଠାରୁ ବଡ ସହର କୁହାଯାଉଥିବା ମାରିୟୁପୋଲକୁ ପୁଟିନ ସେନା ଦଖଲ କରିଛନ୍ତି । ଏହାସହ ବନ୍ଦରର ସହର ମାରିୟୁପୋଲକୁ ଦଖଲ କରିବା ପରେ ଏହା ପୁଟିନ ସେନାଙ୍କ ପାଇଁ ଏକ ବଡ ସଫଳତା ବୋଲି ରଷ ପକ୍ଷରୁ କୁହାଯାଇଛି । ସେପଟେ ମାରିୟୁପୋଲ ଦଖଲ ବେଳେ ୟୁକ୍ରେନର ୨୦ ହଜାରରୁ ଅଧିକ ସାଧାରଣ ଲୋକଙ୍କର ଜୀବନ ଯାଇଥିବା କଥା ସୂଚନା ମିଳିଛି । ଏହାସହ ମାରିୟୁପୋଲରେ ରଷସେନା ସହ ଯୁଦ୍ଧବେଳେ ୨,୪୩୯ ଜଣ ୟୁକ୍ରେନ ସୈନିକ ପୁଟିନ ସେନା ପାଖରେ ଆତ୍ମ ସମର୍ପଣ କରିଥିବା କଥା କୁହାଯାଉଛି । ଏନେଇ ରୁଷ ରାଷ୍ଟ୍ରପତି ପୁଟିନଙ୍କୁ ଦେଶର ବୈଦେଶିକ ମନ୍ତ୍ରୀ ରିପୋର୍ଟ ଦେଇଥିବା ସୂଚନା ମିଳିଛି । ହେଲେ ୟୁକ୍ରେନ୍ ପକ୍ଷରୁ ଏନେଇ କିଛି ପ୍ରତିକ୍ରିୟା ରଖାଯାଇନାହିଁ । ପାଖାପାଖି ୩ ମାସ ହେବ ରୁଷ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଲାଗି ରହିଛି । ଏହାର ଭିତରେ ଅନେକ ସହରକୁ ରୁଷ ସେନା କବ୍ଜା କରିଥିବା ଦାବି କରୁଛି ।

କମିବ ପେଟ୍ରୋଲ, ଡିଜେଲ୍ ଓ ଗ୍ୟାସ୍ ଦର

ଭୁବନେଶ୍ୱର, ୨୧/୦୫ (ନି.ପ୍ର): ଉପଭୋକ୍ତାଙ୍କ ପାଇଁ ଖୁସି ଖବର । କମିବ ତୈଳ ଦର । କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ ଉପରୁ ଏକସାଇଜ ଡ୍ୟୁଟି କମାଇଛନ୍ତି । ପେଟ୍ରୋଲ ଉପରୁ ୮ ଟଙ୍କା ଏକସାଇଜ ଡ୍ୟୁଟି ହଟିବା ପରେ ଲିଟର ପିଛ ଦର ୯ ଟଙ୍କା ୫୦ ପଇସା କମରେ ଲୋକଙ୍କ ପାଇଁ ଏହା ଉପଲବ୍ଧ ହେବ । ସେହିଭଳି ଡିଜେଲ ଉପରୁ ଏକସାଇଜ ଡ୍ୟୁଟି ୬ଟଙ୍କା କମିବ । ଏଣିକି ଡିଜେଲ ୭ ଟଙ୍କା କମରେ ମିଳିବ । ଏନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୂଚନା ଦେଇଛନ୍ତି । ପେଟ୍ରୋଲ ଡିଜେଲ ବଳି ଗ୍ୟାସ ଦର ମଧ୍ୟ କମିବ । ଏନେଇ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଉଜ୍ଜ୍ୱଳା ହିତାଧିକାରୀଙ୍କ ପାଇଁ ଦର କମାଇଛନ୍ତି ସରକାର । ସିଲିଣ୍ଡର ପିଛା ଦର ୨ ଶହ ଟଙ୍କା କମାଇବାକୁ ନିଷ୍ପତ୍ତି ନିଆଯାଇଛି । ପ୍ରତି ହିତାଧିକାରୀଙ୍କୁ ବର୍ଷକୁ ୧୨ଟି ଗ୍ୟାସ ସିଲିଣ୍ଡରର ସବସିଡି ମିଳିବ । ପୂର୍ବରୁ କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ ଉପରୁ ଏକସାଇଜ ଡ୍ୟୁଟି କମାଇଛନ୍ତି । ପେଟ୍ରୋଲ ଉପରୁ ୮ ଟଙ୍କା ଏକସାଇଜ ଡ୍ୟୁଟି ହଟିବା ପରେ ଲିଟର ପିଛ ଦର ୯ ଟଙ୍କା ୫୦ ପଇସା କମରେ ଲୋକଙ୍କ ପାଇଁ ଏହା ଉପଲବ୍ଧ ହେବ । ସେହିଭଳି ଡିଜେଲ ଉପରୁ ଏକସାଇଜ ଡ୍ୟୁଟି ୬ଟଙ୍କା କମିବ । ଏଣିକି ଡିଜେଲ ୭ ଟଙ୍କା କମରେ ମିଳିବ । ଏନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୂଚନା ଦେଇଛନ୍ତି ।

ପୁଣି ସାମ୍ନାକୁ ଆସିଲା ଅନୁଭବଙ୍କ ଭିଡିଓ

ଭୁବନେଶ୍ୱର, ୨୧/୦୫ (ନି.ପ୍ର): ପୁଣିଥରେ ଭିଡିଓ ଜାରି ଚର୍ଚ୍ଚାକୁ ଆସିଲେ ଅଭିନେତା ତଥା କେନ୍ଦ୍ରାପଡ଼ା ସାଂସଦ ଅମୁଭବ ମହାନ୍ତି । ନିଜ ପରିବାର ଓ ତାଙ୍କ ପତ୍ନୀ ବର୍ଷାଙ୍କୁ ନେଇ ଏହି ଭିଡିଓରେ ସେ ଅନେକ ଗୁମର ଖୋଲିଛନ୍ତି । ୨୦୧୪ରେ ବିବାହ ହୋଇଥିଲେ ବି ୨୦୨୦ ପର୍ଯ୍ୟନ୍ତ ସ୍ୱାମୀଙ୍କ ଅଧିକାର ପାଇ ନଥିବାରୁ ସେ ଛାଡ଼ପତ୍ର ପାଇଁ ଆବେଦନ କରିଥିବା କହିଛନ୍ତି । ଏପରିକି ବର୍ଷା ତାଙ୍କୁ ଛୁଇଁବାକୁ ମଧ୍ୟ ସୁଯୋଗ ଦେଇନଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ଦାମ୍ପତ୍ୟ ଜୀବନର ଅନେକ ଅକୁହା କଥା ଏହି ଭିଡିଓରେ କହିଛନ୍ତି ଅନୁଭବ ।

ବିଦେଶରେ ମୋଦୀଙ୍କୁ ଟାର୍ଗେଟ କଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ, ୨୧/୦୫ : ଜନସାଧାରଣଙ୍କ କଥା ଶୁଣିବା ଜଣେ ଶାସକର କର୍ତ୍ତବ୍ୟ । ହେଲେ ଭାରତରେ ଆମ ପ୍ରଧାନମନ୍ତ୍ରୀ ମୋଦୀଜୀ କାହାରି କଥା ଶୁଣନ୍ତି ନାହିଁ । ଲଣ୍ଡନରେ ଆୟୋଜିତ 'ଆଇଡିଆଜ୍ ଫର୍ ଇଣ୍ଡିଆ' ସମ୍ମିଳନୀରେ ଏପରି କହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମାଲୋଚନା କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । 'ପ୍ରଧାନମନ୍ତ୍ରୀଙ୍କର 'ମୁଁ ଶୁଣିବାକୁ ଚାହେଁ' ମନୋବୃତ୍ତି ରହିବା ଉଚିତ । ଏହି କଥାରୁ ହିଁ ବାସ୍ତବତାର ପରିପ୍ରକାଶ ଘଟେ । ହେଲେ ଆମ ପ୍ରଧାନମନ୍ତ୍ରୀ କାହାରି କଥା ଶୁଣନ୍ତି ନାହିଁ'ବୋଲି କହିଛନ୍ତି ରାହୁଲ । ସମ୍ମିଳନୀରେ ନିଜର ମନ୍ତବ୍ୟ ରଖିବା ସମୟରେ ରାହୁଲ ବିଜେପି ଓ ଆରଏସଏସକୁ ମଧ୍ୟ ସମାଲୋଚନା କରିବାକୁ ପଛାଇନାହାଁନ୍ତି । ସେ କହିଛନ୍ତି 'ସମସ୍ତେ ଭାବନ୍ତି ଭାରତ ହେଉଛି ସରକାର ଓ ଜନତାଙ୍କ ମଧ୍ୟରେ ଏକ ବୁଝାମଣା । କିନ୍ତୁ ବିଜେପି ଓ ଆରଏସଏସ ଭାବୁଛନ୍ତି ଭାରତ ଗୋଟିଏ ଭୂଗୋଳ । ଏହି ଭୂଗୋଳ ହେଉଛି ଗୋଟିଏ ସୁନା ଚଢେଇ, ଯାହାର ଲାଭ କର୍ମକୁ ଅଳ୍ପ କେତେ ଜଣଙ୍କ ମଧ୍ୟରେ ବଣ୍ଟାଯିବା ଉଚିତ । ଏହାକୁ ନେଇ ଦେଶରେ ସୃଷ୍ଟି ହେଉଛି ବିବାଦ' ବୋଲି ରାହୁଲ କହିଛନ୍ତି ।

ମେଡିକାଲ କଲେଜରେ ସିଟ୍ ନାଁରେ ଠକେଇ, ୨ ଗିରଫ

ଭୁବନେଶ୍ୱର, ୨୧/୦୫ (ନି.ପ୍ର): ମେଡିକାଲ କଲେଜରେ ସିଟ୍ ଦେବା ନାଁରେ ଠକେଇ ଅଭିଯୋଗରେ ଦୁଇଜଣ ଠକକୁ ଗିରଫ କରିଛି କମିଶନରେଟ ପୋଲିସ। ଗିରଫ ୨ ଯୁବକ ହେଲେ ବିହାରର ଅଭିମନ୍ୟୁ କୁମାର ସିଂହ ଓ କୋଲକାତାର ସୁବୋଧ ଚୌଧୁରୀ। ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଗତ ମେ ୫ ତାରିଖରେ ପଲ୍ଲବୀ ସାହା ନାମକ ଯୁବତୀଙ୍କୁ ଇନଫୋସିଟି ଅଂଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ପିଜି ସିଟ୍ ଦେବାକୁ କହି ୩୦ ଲକ୍ଷ ଟଙ୍କା ଠକିଥିବା ଅଭିଯୋଗ ହୋଇଥିଲା। ଏହାପରେ ପୁଲିସ୍ ଘଟଣାର ଖୋଳତାଡ଼ ଆରମ୍ଭ କରି ଅଭିମନ୍ୟୁଙ୍କୁ ପାଟଣାରୁ ଓ ସୁବୋଧଙ୍କୁ କୋଲକତାରୁ ଗିରଫ କରିଛି। ସେମାନେ ସବୁବେଳେ ଛଦ୍ମ ନାମ ଅମିତ ବାନାର୍ଜୀ ଓ ବିକାଶ ରଞ୍ଜନରେ କାରବାର କରୁଥିଲେ। ଗିରଫ ପରେ ଦୁଇ ଅଭିଯୁକ୍ତଙ୍କ ପାଖରୁ ୧୧ ଲକ୍ଷ ଜବତ ହୋଇଛି। ୧୦ ବର୍ଷ ହେଲାଣି ଦୁଇ ଠକ ଲୋକଙ୍କୁ ଠକୁଥିବା ନେଇ ଜଣାପଡିଛି। ମେଡ଼ିକାଲ ପରୀକ୍ଷାର ରେଜଲ୍ଟ ଲିଷ୍ଟ ବାହାରିବା ପରେ ପ୍ରାର୍ଥୀଙ୍କୁ ଯୋଗାଯୋଗ କରୁଥିଲେ। ପ୍ରାଙ୍କ କଲ ଆପ ଜରିଆରେ ଫୋନ କରୁଥିଲେ ଠକ । ପ୍ରାଙ୍କ କଲ ଆପରେ କଲ କଲେ ଟ୍ରୁ କଲରରେ କୌଣସି ନାଁ ଆସୁ ନଥିଲା ।

ଆମେରିକା ଓ ବ୍ରିଟେନରେ ବ୍ୟାପୁଛି ମଙ୍କିପକ୍ସ

ନୂଆଦିଲ୍ଲୀ, ୨୧/୦୫ : ସାରା ବିଶ୍ୱର ମଙ୍କିପକ୍ସ ମାମଲା ସାମ୍ନାକୁ ଆସିବାକୁ ଲାଗିଛି । ଏହାରି ଭିତରେ ଚିନ୍ତା ବଢାଇଛି ୟୁରୋପ । ଏଠାରେ ରେକର୍ଡ ସଂଖ୍ୟକ ମଙ୍କିପକ୍ସ ମାମଲା ସାମ୍ନାକୁ ଆସିଛି । ଏପର୍ଯ୍ୟନ୍ତ ୟୁରୋପରେ ଶହେରୁ ଅଧିକ ମାମଲା ସାମ୍ନାକୁ ଆସିଛି । ଏହାପରେ ଭାରତ ସରକାର ମଧ୍ୟ ସତର୍କ ହୋଇଯାଇଛନ୍ତି । ବ୍ରିଟେନ୍ ଓ ଆମେରିକା ପରେ ଫ୍ରାନ୍ସ, ଇଟାଲୀ, ସ୍ୱିଡେନ୍, କାନାଡା, ଅଷ୍ଟ୍ରେଲିଆ, ସ୍ପେନ୍ ଓ ପର୍ତ୍ତୁଗାଲରେ ଏହି ସଂକ୍ରମଣ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି । ୧୩ରୁ ଅଧିକ ମାମଲା କାନାଡାରୁ ଚିହ୍ନଟ ହୋଇଛି । ବ୍ରିଟେନ୍ରେ ମଙ୍କିପକ୍ସର ପ୍ରଥମ ମାମଲା ମେ' ୭ ତାରିଖରେ ଚିହ୍ନଟ ହୋଇଥିଲା । ମଙ୍କିପକ୍ସରେ ଆକ୍ରାନ୍ତ ଯୁବକ ଜଣଙ୍କ ନାଇଜେରିଆରୁ ଫେରିଥିଲେ । ହେଲେ ତାଙ୍କ ସହ ଯାତ୍ରା କରିଥିବା ଅନ୍ୟମାନଙ୍କ ପାଇଁ କୌଣସି ବିପଦ ନଥିବା କୁହାଯାଉଛି । ଏହା ପରଠାରୁ ଆଉ ୮ ଜଣ ସଂକ୍ରମିତ ହୋଇଥିବା ବ୍ରିଟେନ୍ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା । ସ୍ପେନ ଓ ପର୍ତ୍ତୁଗାଲରେ ୪୦ଟି ମଙ୍କିପକ୍ସ ମାମଲା ସାମ୍ନାକୁ ଆସିଛି । ବଡକଥା ହେଉଛି ସଂକ୍ରମିତ ହୋଇଥିବା ମାଙ୍କଡ କିମ୍ବା କୁକୁର ଭଳି ପଶୁ କାମୁଡିବା ଫଳରେ ଏହା ମଣିଷଙ୍କୁ ସଂକ୍ରମିତ ହୋଇଥାଏ । କିମ୍ବା ସଂକ୍ରମିତ ପ୍ରାଣୀଙ୍କ ରକ୍ତ, ଲାଳ, ଲୋମକୁ ଛୁଇଁବା ଫଳରେ ଏହା ବ୍ୟାପିବାର ଆଶଙ୍କା ରହିଛି । ଏହା ବ୍ୟତୀତ ସଂକ୍ରମିତ ରୋଗୀଙ୍କ ବିଛଣା, ପୋଷାକ ମାଧ୍ୟମରେ ବି ଏହା ବ୍ୟାପିପାରେ । ମଣିଷ ଦେହରେ ଏହି ସଂକ୍ରମଣ ୨ରୁ ୪ ସପ୍ତାହ ପର୍ଯ୍ୟନ୍ତ ରହୁଛି । ଦେହର ବିଭିନ୍ନ ଭାଗରେ ଫଳିଯିବା କିମ୍ବା ବଡବଡ ଫୋଟକା ହେବା ଏବଂ ଜ୍ୱର ହେବା ଭଳି ଲକ୍ଷଣ ଦେଖାଯାଉଛି । ଭାରତରେ ଏହି ରୋଗ ଏପର୍ଯ୍ୟନ୍ତ ଦେଖାଯାଇ ନାହିଁ ।

ମାଟ୍ରିକ୍ ଖାତା ମୂଲ୍ୟାୟନ ଆରମ୍ଭ

ଭୁବନେଶ୍ୱର, ୨୧/୦୫ (ନି.ପ୍ର): ଆଜିଠାରୁ ମାଟ୍ରିକ୍ ଖାତା ମୂଲ୍ୟାୟନ ଆରମ୍ଭ ହୋଇଛି । ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍(ଏଚ୍‌ଏସ୍‌ଇ) ସମେତ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ମୂଲ୍ୟାୟନ ମଧ୍ୟ ଆରମ୍ଭ ହୋଇଛି। ରାଜ୍ୟରେ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ମୂଲ୍ୟାୟନ ହେଉଛି । ମୂଲ୍ୟାୟନ ପାଇଁ ୪୮୧ଜଣ ମୁଖ୍ୟ ପରୀକ୍ଷକ, ୯୦୦ ଡେପୁଟି ମୁଖ୍ୟ ପରୀକ୍ଷକ, ୮୯୧୯ଜଣ ସହକାରୀ ପରୀକ୍ଷକ ଓ ୯୩୦ଜଣ ସ୍କ୍ରଟନାଇଜର୍ ଙ୍କୁ ନିଯୁକ୍ତି କରାଯାଇଛି। ମୂଲ୍ୟାୟନ କାର୍ଯ୍ୟ ୧୦ରୁ ୧୨ଦିନ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ଏପ୍ରିଲ ୨୯ ତାରିଖରୁ ମଇ ୭ ତାରିଖ ପର୍ଯ୍ୟନ୍ତ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି। ତେବେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ରହିବା ନେଇ ବିବାଦ ଦେଖାଦେଇଥିଲା। ଏହାର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛି ଗଣଶିକ୍ଷା ବିଭାଗ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କୁ ମିଳିଲା ଜାମିନ

ନୂଆଦିଲ୍ଲୀ, ୨୧/୦୫ : ଜ୍ଞାନବାପୀ ମସଜିଦକୁ ନେଇ ସୋଶାଲ ମିଡିଆରେ ପୋଷ୍ଟ କରି ଗିରଫ ହୋଇଥିବା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ରତନ ଲାଲଙ୍କୁ ଶେଷରେ ଜାମିନ ମିଳିଛି। ଦିଲ୍ଲୀର ଗୋଟିଏ କୋର୍ଟ ତାଙ୍କୁ ୫୦ ହଜାର ଟଙ୍କାର ବଣ୍ଡ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇ ଜାମିନ ପ୍ରଦାନ କରିଛନ୍ତି। ଏହି ଅର୍ଥ ଦାଖଲ କରିବା ପରେ ସେ ଜେଲରୁ ମୁକୁଳିବେ। ଜ୍ଞାନବାପୀ ମସଜିଦରେ ଚାଲିଥିବା ସର୍ଭେ ବେଳେ ଏହା ମଧ୍ୟରୁ ଗୋଟିଏ ବଡ଼ ଶିବଲିଙ୍ଗ ମିଳିଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହି ଶିବଲଙ୍ଗକୁ ନେଇ ପ୍ରଫେସର ଲାଲ ସୋଶାଲ ମିଡିଆରେ ଅଭଦ୍ର କମେଣ୍ଟ କରିଥିଲେ। ଏହାକୁ ନେଇ ବିବାଦ ହେବାରୁ ଦିଲ୍ଲୀ ପୁଲିସ ଆଜି ହିଁ ତାଙ୍କୁ ଗିରଫ କରିଥିଲା। ଏହାପରେ ପୁଲିସ୍ ତାଙ୍କୁ ତିସ ହଜାରି କୋର୍ଟରେ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ସିଦ୍ଧାର୍ଥ ମଲିକଙ୍କ ଆଗରେ ହାଜର କରିଥିଲା। ଏହି ସମୟରେ ଜାମିନ ପାଇଁ ଆବେଦନ କରି ଲାଲଙ୍କ ଓକିଲ କହିଥିଲେ ଯେ "ଆମେ ଜାମିନ ପାଇଁ ଆବେଦନ କରୁଛୁ। ସେ ଜଣେ ଅପରାଧୀ ନୁହନ୍ତି କିମ୍ବା ସେ କେଉଁ ଆଡ଼େ ଫେରାର ହେବେନି। ପୁଲିସ ତାଙ୍କୁ ବିନା କୌଣସି ନୋଟିସରେ ଗିରଫ କରିଛି। ତାଙ୍କୁ ପ୍ରତିକ୍ରିୟା ରଖିବାକୁ ମଧ୍ୟ ସୁଯୋଗ ମିଳିନି। ଏହା ଏକ ଜାମିନ ଯୁକ୍ତ ଅଫେନ୍ସ। ତାଙ୍କୁ ବେଆଇନ ଭାବେ ଗିରଫ କରାଯାଇଛି। ଜଣେ ବ୍ୟକ୍ତିଙ୍କ ବାକ୍ ସ୍ୱାଧୀନତା ରହିଛି। ସେ କେବଳ ହ୍ୟୁମର ପାଇଁ ଚେଷ୍ଟା କରିଥିଲେ। ଯଦି ଲୋକଙ୍କ ସହନଶୀଳତା ଏତେ କମ, ତା'ହେଲେ ଲାଲ କିଛି କରିପାରିବେ ନାହିଁ।" ପୁଲିସ୍ ଏହାକୁ ବିରୋଧ କରି ଲାଲଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇବା ପାଇଁ ଆବେଦନ କରିଥିଲା। ସୋଶାଲ ମିଡିଆରେ ଆପତ୍ତିଜନକ ପୋଷ୍ଟ ସମାଜ ଉପରେ ସାଂଘାତିକ ପ୍ରଭାବ ପକାଇ ଥାଏ ବୋଲି ପୁଲିସ୍ ଯୁକ୍ତି ବାଢ଼ିଥିଲା। ତେବେ ମାଜିଷ୍ଟ୍ରେଟ ସିଦ୍ଧାର୍ଥ ପୁଲିସ୍‌ର ଯୁକ୍ତିକୁ ଗ୍ରହଣ ନ କରି ଅଭିଯୁକ୍ତ ▶▶ପୃଷ୍ଠା ୭

ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଉପରେ ରୋକ୍

୩ ମାସ ପାଇଁ ରହିତାଦେଶ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୧/୦୫ : ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ-୨୦୨୦ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଲଗାଇବା ପରେ ଆରମ୍ଭ ହୋଇଛି ବିତର୍କ । ସୁପ୍ରିମକୋର୍ଟର ରହିତାଦେଶକୁ ସ୍ୱାଗତ କରିଛନ୍ତି ବିରୋଧୀ ଦଳ । ବିଧାନସଭାରେ ଏହାକୁ ଜୋରଦାର ବିରୋଧ କରାଯାଇଥିଲା । ବିରୋଧ ସତ୍ତ୍ୱେ ସଂଖ୍ୟା ଅଧିକ ଥିବାରୁ ବିଧାନସଭାରେ ଏହା ପାରିତ ହୋଇଥିଲା । ତେବେ ଏହି ଆଇନରେ କିଛି ଭୁଲ ନଥିବା କହିଛନ୍ତି ଶାସକ ଦଳର ନେତା । ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ୨୦୨୦ ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ । ପୂର୍ବରୁ ଓଡ଼ିଶା ହାଇକୋର୍ଟଙ୍କ ରାଜ୍ୟ ସରକାରଙ୍କ ସପକ୍ଷରେ ରାୟ ଦେଇଥିଲେ । ଏହି ରାୟ ଉପରେ ରହିତାଦେଶ ଜାରି କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଆସନ୍ତା ୪ ସପ୍ତାହ ମଧ୍ୟରେ ଏହି ମାମଲାରେ ସତ୍ୟପାଠ ଦାଖଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶା ହାଇକୋର୍ଟଙ୍କ ରାୟ ବିରୋଧରେ ୟୁନିଭର୍ସିଟି ଗ୍ରାଂଟସ କମିଶନ ଓ ପ୍ରଫେସର ଅଜିତ ମହାନ୍ତି ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ୍ ପିଟିସନ୍ ଦାୟର କରିଥିଲେ । ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୨୦୨୦ ୟୁଜିସି ରେଗୁଲେସନ୍ ଆଇନ ୨୦୧୮କୁ ଉଲଂଘନ କରୁଥିବା ଆବେଦନକାରୀଙ୍କ ପକ୍ଷରୁ ଖଣ୍ଡପୀଠଙ୍କ ନିକଟରେ ଉଲ୍ଲେଖ କରାଯାଇଥିଲା । ଏପଟେ ଆଡଭୋକେଟ୍ ଜେନେରାଲ ଅଶୋକ ପରିଜା, ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷ ରଖିଛନ୍ତି । ଏକ ମାସ ଭିତରେ ଜବାବୀ ସତ୍ୟପାଠ ଦାଖଲ କରିବେ ରାଜ୍ୟ ସରକାର । ମାମଲାର ପରବର୍ତ୍ତି ଶୁଣାଣୀ ଦୁଇ ମାସ ପରେ କରାଯିବ ।

ଏମ୍‌ସକୁ ଆସୁଛନ୍ତି ଟମାଟୋ ଫ୍ଲୁ ଲକ୍ଷଣ ଥିବା ରୋଗୀ

ଭୁବନେଶ୍ୱର, ୨୧/୦୫ (ନି.ପ୍ର): ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ଟମାଟୋ ଫ୍ଲୁ ଆଶଙ୍କା ବଢ଼ି ବଢ଼ି ଚାଲିଛି । ଭୁବନେଶ୍ୱର ଏମ୍‌ସକୁ ମଧ୍ୟ ଏହି ଫ୍ଲୁ ଭଳି ଲକ୍ଷଣ ଥିବା ରୋଗୀ ଆସୁଛନ୍ତି। ଏମିତି କି ପ୍ରତିଦିନ ୪ରୁ ୫ ଜଣ ଏଭଳି ଲକ୍ଷଣ ଥିବା ରୋଗୀ ଆସୁଛନ୍ତି। ପ୍ରାୟ ୨ ସପ୍ତାହ ହେବ ଏଭଳି ଲକ୍ଷଣ ଥିବା ରୋଗୀ ଏମ୍‌ସକୁ ଆସୁଛନ୍ତି ବୋଲି ଏମସ୍ ଆଡିସନାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ କହିଛନ୍ତି। କେରଳରେ ବର୍ତମାନ ସୁଦ୍ଧା ଟମାଟୋ ଫ୍ଲୁର ୮୨ଟି କେସ୍ ଚିହ୍ନଟ ହୋଇସାରିଲାଣି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାକୁ କୌଣସି ଆଡ଼ଭାଇଜାରି ଆସିନି କିମ୍ବା ସର୍ଭେଲାନ୍ସ କରିବାକୁ ଆଲର୍ଟ ବି ଜାରି କରାଯାଇନି। ତେଣୁ ବର୍ତମାନ କୌଣସି ଆତଙ୍କିତ ହେବାର ନାହିଁ ବୋଲି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଆଶ୍ୱାସନା ଦେଇଛନ୍ତି। ଟମାଟୋ ଫ୍ଲୁ ପ୍ରସଙ୍ଗରେ ଡାକ୍ତର ଏବଂ ବିଶେଷଜ୍ଞଙ୍କ ସହ ଆଲୋଚନା କରାଯାଇଛି। ସେମାନଙ୍କ ମତ, ଟମାଟୋ ଫ୍ଲୁ ଏକ ଭାଇରାଲ ରୋଗ। ଏହା ଗ୍ରୀଷ୍ମଦିନରେ ହିଁ ହୁଏ। ଏହାର ଲକ

ଉର୍ଦ୍ଦୁ ଶିକ୍ଷା ପ୍ରତି ବିପଦ : ସ୍କୁଲରେ ପାଠପଢ଼ା ବନ୍ଦ ହେବା ନେଇ ଆଶଙ୍କା ?

ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲେ ରାଜନୈତିକ ଦଳ

ଭୁବନେଶ୍ୱର ,୨୧/୦୫ (ନି.ପ୍ର): ଉର୍ଦ୍ଦୁ ଶିକ୍ଷା ବନ୍ଦ କରିବାକୁ ଚକ୍ରାନ୍ତ ଚାଲିଛି । ଶିକ୍ଷାଦାନ ପାଇଁ ସ୍କୁଲରେ ଆବଶ୍ୟକ ଭି ିଭୂମି ନାହିଁ । କେଉଁଠି ଶିକ୍ଷକ ନାହାନ୍ତି ତ ଆଉ କେଉଁଠି ଶହେ ବର୍ଷର ସ୍କୁଲ ବନ୍ଦ କରିବାକୁ ଷଡ଼ଯନ୍ତ୍ର କରାଗଲାଣି । ୧୧୦ ବର୍ଷ ତଳେ କଟକରେ ଏକ ଶିକ୍ଷକ ଟ୍ରେନିଂ ସ୍କୁଲ ପ୍ରତିଷ୍ଠା ହୋଇଥିଲା, ଯାହାକୁ ବନ୍ଦ କରିବାକୁ ଏବେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ମୁସଲମାନ ବ୍ୟକ୍ତିଙ୍କ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ଉର୍ଦ୍ଦୁଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ମାତ୍ର ଏହି ବିଦ୍ୟାଳୟର ନାମ ପରିବର୍ତ୍ତନ କରାଯାଇ ମୁସଲିମ୍ ବସ୍ତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରଖାଯାଇଛି । ମଦ୍ରାସା ବୋର୍ଡ ଦ୍ୱାରା ତାଲିମପ୍ରାପ୍ତ ଫାଜିଲ୍ ଯୋଗ୍ୟତାଧାରୀ ବ୍ୟକ୍ତି ବିଦ୍ୟାଳୟରେ ନିଯୁକ୍ତି ପାଉଥିବା ବେଳେ ୨୦୧୧ରେ ଫାଜିଲ୍ ଯୋଗ୍ୟତାକୁ ପରିବର୍ତ୍ତନ କରାଯାଇ ଉର୍ଦ୍ଦୁ ବିଏଡ୍ ଯୋଗ୍ୟତା ରଖାଯାଇଛି । ହେଲେ ଓଡ଼ିଶାରେ ଉର୍ଦ୍ଦୁବିଏଡ୍ ଯୋଗ୍ୟତା ହାସଲ ଲାଗି କୌଣସି ସୁବିଧା ନାହିଁ । ଏ ସମ୍ପର୍କରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ପରେ ସ୍ଥଗିତାଦେଶ ଜାରି ହୋଇଛି । କଟକ ଓଡ଼ିଆ ବଜାରରେ ଥିବା ଉର୍ଦ୍ଦୁ ମାଧମ ବାଳିକା ଉଚ୍ଚ ବିଦ୍ୟାଳୟରେ କେବଳ ଉର୍ଦ୍ଦୁ ଏମ୍ଆଇଏଲ୍ ଶିକ୍ଷକଙ୍କୁ ଛାଡ଼ି ଦେଲେ ଉର୍ଦ୍ଦୁ ଭାଷା ଜାଣିଥିବା କୌଣସି କର୍ମଚାରୀ ନାହାନ୍ତି । ଯଦି ଏଭଳି ଚାଲେ, ତାହା ହେଲେ ଆଉ କିଛି ଦିନ ପରେ ଓଡ଼ିଶାରେ ଉର୍ଦ୍ଦୁ ଶିକ୍ଷା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି । କେବଳ ସେତିକି ନୁହେଁ, ଏମ୍ଆଇଏଲ୍‌ଗୁଡ଼ିକ ମଧ୍ୟରୁ ଉର୍ଦ୍ଦୁ ଅନ୍ୟତମ । ହେଲେ ଓଡ଼ିଶାର ମୁସଲମାନଙ୍କୁ ଆଜି ପର୍ଯ୍ୟନ୍ତ ଲାଙ୍ଗୁଏଷ୍ଟିକ୍ ମାଇନରିଟି ଅଧିକାର ମିଳି ନାହିଁ । କୌଣସି ବିଭାଗ ବି ନାହିଁ । ପିଲାଙ୍କୁ ଦିଆଯାଇଥିବା ଶିକ୍ଷା ଦର୍ପଣ'ରେ ଉର୍ଦ୍ଦୁ ଏମ୍ଆଇଏଲ୍ ନାହିଁ । ଉର୍ଦ୍ଦୁ ଶିକ୍ଷକ ପଦ ପୂରଣ ଦିଗରେ ପଦକ୍ଷେପ ନିଆଯାଉନାହିଁ । ପ୍ରଥମରୁ ୮ମ ପିଲାଙ୍କୁ ଉର୍ଦ୍ଦୁ/ପର୍ସିଆନ୍ ଛାତ୍ରଛାତ୍ରୀଙ୍କୁ ବର୍ଷେ ହେଲା ପୁସ୍ତକ କିମ୍ବା କେବେ ବି ପ୍ରଶ୍ନପତ୍ର ଦିଆଯାଇ ନାହିଁ । ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବା ସହ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଓଡ଼ିଶା ଉର୍ଦ୍ଦୁ ସର୍କଲ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି । ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ ାନନ କାନୁନଗୋ, କଂଗ୍ରେସ ମୁଖପାତ୍ର ଅମିୟ ପାଣ୍ଡବ, ସିପିଏମ୍‌ର ଅଭିରାମ ବେହେରା, ଏନ୍‌ସିପିର ବିକ୍ରମ ସ୍ୱାଇଁ, ଆରପିଆଇ ସଭାପତି ଶେଖ ଅବଦୁଲ ୱାଲି, ସିପିଆଇ(ଏମ୍-ଏଲ୍) ଲିବରେସନର ମହେନ୍ଦ୍ର ପରିଡ଼ା, ଆରଜେଡିର ହେମନ୍ତ କୁମାର, ବରକତ୍ ଅଲ୍ଲୀ ତନବୀର ପ୍ରମୁଖ କହିଛନ୍ତି ।

ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବରେ ମନ ମୋହୁଛି ଜନଜାତି ନୃତ୍ୟ

ଭୁବନେଶ୍ୱର,୨୧/୦୫ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍‌ସି ଏସ୍‌ଟି ଆରଟି ଆଇ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବର ଦ୍ୱିତୀୟ ଦିବସରେ ମହାରାଷ୍ଟ୍ରର ଗୋଣ୍ଡ ଜନଜାତିଙ୍କର ପାରମ୍ପାରିକ ଘୁସାଡ଼ି ନୃତ୍ୟ ପରିବେଷିତ ହୋଇଥିଲା । ନୃତ୍ୟ ସମୟରେ କଳାକାରମାନେ ଶରୀରକୁ ଚୂନରେ ପେଂଟ କରିଥିବାବେଳେ ବିଭିନ୍ନ ମଂଜିର ହାର ଓ ଛୋଟ ଛୋଟ ଘଣ୍ଟିରେ ସଜାଇ ହୋଇ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ । ସନ୍ଧ୍ୟାରେ ମିଜୋ ଜନଜାତିଙ୍କର ସରଲାମକାଇ ନୃତ୍ୟ, ଓଡ଼ିଶାର ସାନ୍ତାଳ ଜନଜାତିଙ୍କର କଳସି ନୃତ୍ୟ ପରିବେଷିତ ହୋଇଥିଲା । କଳସି ନୃତ୍ୟରେ କଳାକାରମାନେ ନିଜ ପାରମ୍ପରିକ ବେଶଭୂଷାରେ ଡ୍ରମ, ବଂଶୀ ଆଦି ବାଦ୍ୟ ବଜାଇ ନୃତ୍ୟ କରିଥିଲେ । ସେହିପରି ଝାଡ଼ଖଣ୍ଡ ଓରାଓଁ ଜନଜାତିଙ୍କର କରମଥାପଡ଼ି ନୃତ୍ୟ, ଓଡ଼ିଶାର ଗଦବା ଜନଜାତିଙ୍କର ଢେମ୍‌ସା ନୃତ୍ୟ, ଗୋଆର ଭେଲିପ୍ ଜନଜାତିଙ୍କ ଚୌରାଙ୍ଗ ନୃତ୍ୟ, ଛତିଶଗଡ଼ର ଗୌରମାର ମାଣ୍ଡରି ନୃତ୍ୟ, ଆନ୍ଧ୍ରପ୍ରଦେଶର କନ୍ଧ ଜନଜାତିଙ୍କ ମୟୂରାନୃତ୍ୟ, ରାଜସ୍ଥାନର ଭିଲ୍‌ମିନା ଜନଜାତିଙ୍କ କଚିଘୋଡ଼ି ନୃତ୍ୟ, ଉତରାଖଣ୍ଡର ଜୌନସାରି ଜନଜାତିଙ୍କ ହାତୀ ନୃତ୍ୟ, ହିମାଚଳ ପ୍ରଦେଶର ତାଳ ଗାଡ଼ି ଜନଜାତିଙ୍କର ହରନତର ନୃତ୍ୟ ପରିବେଷିତ ହୋଇଥିଲା । ଆଜି ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଏସ୍‌ସି ଏସ୍‌ଟି ଆରଟି ଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓଡା କଳାକାରମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ । ରବିନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଏହି ଆଦିବାସୀ ନୃତ୍ୟ ମହୋତ୍ସବ ମଇ ୨୧ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ୬.୩୦ ଠାରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବା ଏହି ନୃତ୍ୟ ମହୋତ୍ସବରେ ଓଡ଼ିଶା ସମେତ ୧୫ଟି ରାଜ୍ୟ ଅଂଶଗ୍ରହଣ କରିଛନ୍ତି । ଏହି ତ୍ରିଦିବସୀୟ ନୃତ୍ୟ ମହୋତ୍ସବରେ ୨୦ଟି ଜନଜାତି ସଂପ୍ରଦାୟର ସମୁଦାୟ ୩୧ଟି ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି ।

ବୀର ସୁରେନ୍ଦ୍ର ସାଏ ନଗରବାସୀଙ୍କ ଗଣଧାରଣା

ଭୁବନେଶ୍ୱର,୨୧/୦୫ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟର ଅମାନନୀୟ, ଅମାନବିକ, ଜିଦ୍‌ଖୋର,ତଥା ସ୍ୱେଚ୍ଛାଚାରିତା ମନୋଭାବକୁ ବିରୋଧ କରି ଆଜି ଅପରାହ୍ନ ୪ ଟା ସମୟରେ ବୀର ସୁରେନ୍ଦ୍ର ସାଏ ନଗର ବାସୀ ବାଣୀବିହାର ୩ ନମ୍ବର ଗେଟ ସମ୍ମୁଖରେ ଏକ ଗଣ ଧାରଣା ଦେଇଥିଲେ । ଗତ ୪୫ ବର୍ଷ ଧରି ବ୍ୟବହାର ହେଉଥିବା ରାସ୍ତାକୁ ରାତି ଅଧିଆ ବନ୍ଦ କରି ବଡ ପାଚେରୀ ନିର୍ମାଣ କିରିବା ବିରୋଧରେ ନଗରବାସୀ ପ୍ରତିବାଦ କରିଥିଲେ । ଏହି ଗେଟ ତୁରନ୍ତ ଖୋଲାଯାଉ ବୋଲି ସମସ୍ତ ବକ୍ତା ମାନେ ଦାବି କରିଥିଲେ । ଏହି ଗଣ ଧାରଣାରେ ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ଉପ-ସଭାପତି ଡ. ଜୟନ୍ତ କୁମାର ପରିଡା ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ସଂଯୋଜନା କରିଥିଲେ । ବାଣୀବିହାର ଏହି ପାଚେରୀ ଯଦି ନଖୋଲନ୍ତି ପରବର୍ତୀ ସମୟରେ ଆନ୍ଦୋଳନକୁ ଆହୁରି ଅଧିକ ଜୋରଦାର କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଏହି ଗଣ ଧାରଣାରେ ପୁର୍ବତନ କରପୋରଟେର ବିଦ୍ୟାଧର ଦେହୁରୀ, ମୋହନ ହେମ୍ବ୍ରମ ଓ ପ୍ରତିନିଧୀ ଅଜୟ ଜେନାଙ୍କ ସହିତ ଦୁର୍ଗାପୁଜା ସମିତିର ସଭାପତି ଆର୍ତତ୍ରାଣ ଦଳାଇ, ଉପ-ସଭାପତି ଗିରିଜା ମହାନ୍ତି ଓ ନିମାଇଁ ଦାସ, ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, ଉନ୍ନୟନ ପରିଷଦର କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରତାପ ନନ୍ଦ, ତ୍ରିଲୋଚନ ରଥ, ବରିଷ୍ଠ ନାଗରିବ କମିଟିର ଗୌରୀ ଶଙ୍କର ପ୍ରହରାଜ, ଡ କୁମୁଦ ମିଶ୍ର, କାଳନ୍ଦୀ ଚରଣ ସ୍ୱାଇଁ, ହୃଦୟରାମ ବ୍ରହ୍ମା, ଲକ୍ଷ୍ମଣ ମହାନ୍ତି, ଏ. ବି. ପଟ୍ଟନାୟକ, ମମତା ବେହେରା, ଅଞ୍ଜୁବାଳା ହାତୀ, କଳ୍ପନା ମହାନ୍ତି, ସୁନୀତା ସରକାର, ଭ୍ରମରବର ପ୍ରଧାନ, ପ୍ରକାଶ ଦାଶ ଆଦି ୨୦୦ ଅଧୀବାସୀ ଭାଗ ନେଇଥିଲେ । ଶେଷରେ ପ୍ରସନ୍ନ ରଥ ଧନ୍ୟବାଦ ପ୍ରଦାନ କରିଥିଲେ ।

ଜୁନ୍ ୧୫ ସୁଦ୍ଧା ସମ୍ପୂର୍ଣ୍ଣ ହେବ ୨୫ ହଜାର ଜଳ ଅମଳ ସଂରଚନା ପ୍ରକଳ୍ପ

ଭୁବନେଶ୍ୱର,୨୧/୦୫ (ନି.ପ୍ର): ଆସନ୍ତା ମାସ ୧୫ତାରିଖ ସୁଦ୍ଧା ରାଜ୍ୟର ପୌରାଂଚଳଗୁଡିକରେ ଆଉ ୨୫ହଜାର ଜଳ ଅମଳ ସଂରଚନା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପ୍ରତି ୱାର୍ଡରେ ଥିବା ଖୋଲାସ୍ଥାନ ଓ ଛାତ ଉପରେ ଯେଭଳି ଶତ ପ୍ରତିଶତ ପ୍ରକଳ୍ପ ପ୍ରତିଷ୍ଠା ହେବ ସେଥିପାଇଁ ରାଜ୍ୟ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ନିର୍ଦ୍ଦେଶ ଦେଇଛନ୍ତି । ପୌର ନିର୍ଦ୍ଦେଶକ ଶ୍ରୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଜଳ ଅମଳ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ ସହିତ ଏହି ନୂତନ ଲକ୍ଷ୍ୟ ପୂରଣ ପାଇଁ କୁହାଯାଇଛି । ସମୀକ୍ଷାରୁ ଜଣାଯାଇଛି ଯେ ୧୯୯୯ଟି ୱାର୍ଡରେ ୨୫ହଜାର ଜଳ ଅମଳ ସଂରଚନା ପ୍ରକଳ୍ପ ସ୍ଥାପନ ପାଇଁ ଲକ୍ଷ୍ୟ ଦିଆଯାଇଛି । ବର୍ତମାନ ସୁଦ୍ଧା ୧୮୦୦ ୱାର୍ଡରେ ୨୨,୦୮୯ ଟି ସ୍ଥାନ ଚିହ୍ନଟ ହୋଇଥିବାବେଳେ ଅବଶିଷ୍ଟ କାର୍ଯ୍ୟ ତୁରନ୍ତ ସାରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ଗତବର୍ଷ ଯେଉଁସବୁ ଜଳ ଅମଳ ପ୍ରକଳ୍ପ ନିର୍ମାଣ ହୋଇଥିଲା ତାହାର ରକ୍ଷଣା ବେକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି । ବୈଠକରେ ମୁକ୍ତା, ଜାଗା ମିଶନ୍, ଆହାର, ଏଲଇଡି ଷ୍ଟ୍ରିଟ୍ ଆଲୋକ ବ୍ୟବସ୍ଥା ଓ ପରିମଳ ଆଦିର ସମୀକ୍ଷା କରାଯାଇଥିଲା । ପୌରାଂଚଳଗୁଡିକରେ ଚଳାଯାଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ସହିତ ପ୍ରକଳ୍ପ ଗୁଡ଼ିକୁ ଧାର୍ଯ୍ୟ ସମୟରେ ସମାପ୍ତ କରିବାକୁ ନିଶ୍ଚିତ କରାଯାଇଥିଲା । ସମସ୍ତ ପୌରାଂଚଳକୁ ମଧ୍ୟ ଏକ ଘରୋଇ ମୋଡରେ ବସ୍ତି ଏବଂ ବିଜୁ ଆଦର୍ଶ କଲୋନୀରେ ପ୍ରତ୍ୟେକ ଘରୋଇ ଗୋଷ୍ଠି ଶୌଚାଳୟ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ବୈଠକରେ ପୌର ନିର୍ଦ୍ଦେଶକ ଶ୍ରୀ ନାୟକ, ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ସଚିବ ସଞ୍ଜୟ ପରମାଣିକ, ଅତରିକ୍ତ ସଚିବ କଲ୍ୟାଣ ରଥ ଓ ପ୍ରଭାତ ମହାପାତ୍ର ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ଯୁଗ୍ମ ସଚିବ ତଥା ସୁଡାର ନିର୍ଦ୍ଦେଶକ ସାରଦା ପଣ୍ଡା ସ୍ୱାଗତ ଭାଷଣ ଦେଇ ସମୀକ୍ଷା ବୈଠକ ସଂକ୍ରାନ୍ତରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଉକ୍ତ ବୈଠକ ମହାନଗର ନିଗମଗୁଡିକର କମିଶନର, ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଓ ପୌର ନିର୍ବାହୀ ଅଧିକାରୀମାନେ ଭର୍ଚୁଆଲ ମୋଡ୍ ରେ ଉପସ୍ଥିତ ଥିଲେ ।

ମିସନ୍ ଇନ୍ଦ୍ରଧନୁଷ ୪.୦ରେ ୧୦୦% ଟିକାକରଣ

ଭୁବନେଶ୍ୱର ,୨୧/୦୫ (ନି.ପ୍ର): ଟିକାକରଣରେ ପଛୁଆ ରହିଥିବା ରାଜ୍ୟର ୧୨ଟି ଜିଲ୍ଲାରେ ମିସନ୍ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଶେଷ ହୋଇଛି । ୩ଟି ପର୍ଯ୍ୟାୟରେ ଏହି ଟିକାକରଣ ହୋଇଥିବା ବେଳେ ଏଥିରେ ମୁଖ୍ୟତଃ ୨ବର୍ଷରୁ କମ୍ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଟିକା ଦିଆଯାଇଛି । ରାଜ୍ୟରେ ଶତ ପ୍ରତିଶତ ଟିକାକରଣ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ ପାଇଛି । ତେବେ ରାଜ୍ୟରେ ପ୍ରକୃତରେ କେତେ ପ୍ରତିଶତ ଟିକାକରଣ ହୋଇଛି ତାହା ତୃତୀୟ ପକ୍ଷ ମୂଲ୍ୟାଙ୍କନର ବିଶେଷ ଗୁରୁତ୍ୱ ରହିଛି । ସ୍ୱାସ୍ଥ୍ୟ ବିଭାଗ ଏହି ରିପୋର୍ଟକୁ ଅପେକ୍ଷା କରିଛନ୍ତି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ବା ଏନ୍‌ଏଫ୍‌ଏଚ୍‌ଏସ୍-୫ ରିପୋର୍ଟ ଅନୁସାରେ ରାଜ୍ୟରେ ପୂର୍ଣ୍ଣ ଟିକାକରଣ ହାର ୯୦.୫ ପ୍ରତିଶତ ରହିଛି । ଜାତୀୟ ସ୍ତରରେ ଏହା ୭୬.୪ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଏହା ୧୪ ପଏ ଅଧିକ । ଅନ୍ୟ ରାଜ୍ୟଙ୍କ ତୁଳନାରେ ପୂର୍ଣ୍ଣ ଟିକାକରଣରେ ଓଡ଼ିଶା ଜାତୀୟ ସ୍ତରରେ ଆଗରେ ରହିଛି । ପୂର୍ଣ୍ଣ ଟିକାକରଣରେ ମୁଖ୍ୟତଃ ୧୨ ପ୍ରକାରର ରୋଗର ନିବାରଣ ପାଇଁ ପ୍ରତି ?ଷେଧକ ଟିକା ଦିଆଯାଏ । ପୂର୍ଣ୍ଣ ଟିକାକରଣରେ ପୋଲିଓ, ଜଣ୍ଡିସ୍, ଯକ୍ଷ୍ମା, ଡିପ୍‌ଥେରିଆ, ଲହରା କାଶ, ଧନୁଷ୍ଟଙ୍କାର, ମସ୍ତିଷ୍କ ଜ୍ୱର, ନିମୋନିଆ, ମିଳିମିଳା, ରୁବେଲା, ହଇଜା, ଜାପାନୀ ଜ୍ୱର ଆଦି ରୋଗର ନିବାରଣ ପାଇଁ ଏକାଧିକ ସଂଖ୍ୟକ ଡୋଜ୍ ଦିଆଯାଇଥାଏ । ରାଜ୍ୟର ୨୦ଟି ଜିଲ୍ଲାରେ ପୂର୍ଣ୍ଣ ଟିକାକରଣ ହାର ୯୦ ପ୍ରତିଶତରୁ ଅଧିକ ଥିବା ବେଳେ ୧୦ଟି ଜିଲ୍ଲାରେ ଏହାର କମ୍ ରହିଛି । ଏହା ପଛରେ ଦେଶାନ୍ତର, ଅପହ ଅ ଳ ଓ କୋଭିଡ୍ ପାଇଁ ଟିକାକରଣ କମ୍ ରହିଥିବା କୁହାଯାଉଛି । ତେଣୁ ରାଜ୍ୟର ୧୨ଟି ଜିଲ୍ଲାର ୬୮ଟି ବ୍ଲକ୍‌ରେ ମିସନ୍ ଇନ୍ଦ୍ରଧନୁଷ ୪.୦ କାର୍ଯ୍ୟକାରୀ ହୋଇଥିଲା । ମାର୍ଚ ୭ରେ ପ୍ରଥମ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଥିବା ବେଳେ ଏପ୍ରିଲ ୪ରୁ ଦ୍ୱିତୀୟ ପର୍ଯ୍ୟାୟ ଓ ମେ'୨ରୁ ତୃତୀୟ ପର୍ଯ୍ୟାୟ ଟିକା ଦିଆଯାଇଥିଲା । କଟକ, ଗଞ୍ଜାମ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ଖୋର୍ଧା, ମାଲକାନଗିରି, ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ଼ ଆଦି ଜିଲ୍ଲାରେ ଟିକାକରଣରେ ସାମିଲ ହୋଇଥିଲା ।

ମିଳିଥିବା ରିପୋର୍ଟ ଅନୁସାରେ, ରାଜ୍ୟରେ ୧୦,୦୨୧ ଟିକାକରଣ ଅଧିବେଶନ ଲକ୍ଷ୍ୟ ରହିଥିବା ବେଳେ ୧୦,୧୫୩ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ୦-୨ବର୍ଷର ୨୧,୯୩୧ ଶିଶୁଙ୍କୁ ଟିକା ଦିଆଯିବାକୁ ଲକ୍ଷ ଧାର୍ଯ୍ୟ ହୋଇଥିଲା ବେଳେ ୨୨,୧୨୭ ଶିଶୁଙ୍କୁ ଟିକା ଦିଆଯାଇଛି । ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୧୦୦.୯ ପ୍ରତିଶତ । ସେହିପରି ୫୧୯୩ ଗର୍ଭବତୀ ମହିଳାଙ୍କୁ ଟିକା ଦେବା ପାଇଁ ଟାର୍ଗେଟ୍ ଥିବା ବେଳେ ୫୧୬୬ ଜଣ ଟିକା ନେଇପାରିଛନ୍ତି । ଯାହାର ହାର ହେଉଛି ୯୯.୫ ପ୍ରତିଶତ । ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା.ବିଜୟ ପାଣିଗ୍ରାହୀ କହିଛନ୍ତି, ରାଜ୍ୟରେ ମିସନ ଇନ୍ଦ୍ରଧନୁଷ ୪.୦ ଟିକାକରଣରେ ଶତ ପ୍ରତିଶତ ଟିକାକରଣ ହେଉଛି । ରାଜ୍ୟରେ ଟିକାକରଣ ଚାଲିଥିବା ସମୟରେ ତୃତୀୟ ପକ୍ଷ ଦ୍ୱାରା ଏହାର ଅଡିଟ୍ କରାଯାଇଥିଲା । ଅଡିଟ୍ ଟିମ୍ ରାଜ୍ୟର ଟିକାକରଣରେ ସନ୍ତୁଷ୍ଟ ଥିବା ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦେଇଥିଲେ । ତେବେ ତୃତୀୟ ପକ୍ଷ ମୂଲ୍ୟାଙ୍କନ ରିପୋର୍ଟ ଆସି ନ ଥିବା ଡା.ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଉଲ୍ଲେଖ ଯେ ପ ାୟତିରାଜ ଓ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଅନୁସୂଚିତ ଜନଜାତି, ଶ୍ରମ, ସୂଚନା ଓ ଲୋକସଂପର୍କ ବିଭାଗର ମିଳିତ ସହଯୋଗରେ ଟିକାକରଣ ଅଭିଯାନ କାର୍ଯ୍ୟକାରୀ ହୋଇଛି ।

କୋଟିଆରେ ଜଳ ବିବାଦର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୧/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକର କୋଟିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନେରେଡି ଭାଲସ୍ୱାରେ ପାନୀୟ ଜଳ ପ୍ରକଳ୍ପ ବନ୍ଦ କରବା ଆନ୍ଧ୍ର ସରକାରଙ୍କର ଦାଦାଗିରି ବୋଲି ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି । ଘଟଣାରେ ତୁରନ୍ତ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଦୁଇ ରାଜ୍ୟ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ଘଟଣାର ସମାଧାନ କରିବାକୁ ଦାବି କରି ସମାଜବାଦୀ ପାର୍ଟି ରାଜ୍ୟ କମିଟି ସଭାପତି ରବି ବେହେରା ଏକ ଚିଠି ଲେଖି ଦାବି କରିଛନ୍ତି । ଗତକାଲି ଆନ୍ଧ୍ରପ୍ରଦେଶର ସରକାରୀ ଅଧିକାରୀମାନେ କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ଗ୍ରାମ ପଞ୍ଚାୟତର ନେରେଡିଭାଲ୍‌ସା ଗ୍ରାମରେ ଓଡ଼ିଶା ସରକାରଙ୍କ ଦ୍ୱାରା 'ବସୁଧା' ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ପ୍ରକଳ୍ପ କାମକୁ ଜବରଦସ୍ତ ନାଲି ଆଖି ଦେଖାଇ ବନ୍ଦ କରିଛନ୍ତି । ଏହାସହ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ଠିକାଦାରଙ୍କ ବିରୁଦ୍ଧରେ ନିଜ ରାଜ୍ୟର ପାଲୁର୍ ଥାନାରେ ଏକ ଏଫ୍.ଆଇ.ଆର. ମଧ୍ୟ ଦାଖଲ କରିଛନ୍ତି । ଆନ୍ଧ୍ରପ୍ରଦେଶ ସରକାରୀ ଅଧିକାରୀମାନଙ୍କର ଏହି ମନୋଭାବ ସୀମା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ସବୁଠାରୁ ବଡ଼ ବାଧା ଭାବରେ ଦେଖାଦେଇଛି । ଆନ୍ଧ୍ର ସରକାର କେବଳ ଏହି ପାନୀୟ ଜଳ ପ୍ରକଳ୍ପକୁ ବନ୍ଦ କରିନାହାନ୍ତି ଗଜପତି, ଗଞ୍ଜାମ ଓ କୋରାପୁଟ ଜିଲ୍ଲାର ସୀମା

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୨ ମଇ, ୨୦୨୨
email : rabibarachayan2015@gmail.com

ର ବି ବା ର ଚ ୟ ନ

.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : ଜୀବନାନୁଭୂତି

ଭାଗ-୭୫

(ପୂର୍ବ ପ୍ରକାଶିତ ଉଦ୍ଧାରୁ...)

ମୋର୍ ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ପୁଣି ଯାଇ ମିସ୍ କ୍ରଙ୍କାଇଟ୍‌ଙ୍କୁ କହିଲି । ଏଥର ସେ ଉଭୟଙ୍କୁ ପରୀକ୍ଷା କରି ଦେଖିବେ ବୋଲି କହିଲେ । ସେହିଦିନ କଚେରୀରୁ ଫେରି ସ୍କୁଲକୁ ଗଲି । ସେ ମୋତେ କହିଲେ ଯେ, ମୋର ସନିର୍ବନ୍ଧ ଅନୁରୋଧ ଯୋଗୁଁ କେବଳ ସୁଷମାକୁ ପରୀକ୍ଷାକୁ ପଠାଇବେ । ନିରୁପମାକୁ ପଠାଇ ପାରିବେ ନାହିଁ । ମୁଁ ନିରୁପମା ସମ୍ବନ୍ଧରେ ସୁଦ୍ଧା ଯେତେ ଅନୁରୋଧ କଲି ସେ ରକ୍ଷାକଲେ ନାହିଁ । କହୁ କହୁ ସେ ମୋତେ କହିଲେ, 'ଯଦି ଆପଣଙ୍କ ଝିଅ ଫେଲ୍ ହୁଏ ତାହାହେଲେ କିଛି ଗୋଟାଏ ଗୁରୁତର ଦାୟିତ୍ୱ ଆପଣଙ୍କ ମୁଣ୍ଡରେ ଲଦି ଦିଆଯିବ ।' ମୁଁ ଭାବବିହ୍ୱଳ ହୋଇ ସଦର୍ପରେ କହିଲି, 'ମିସ୍ କ୍ରଙ୍କାଇଟ୍! ଆପଣ ଜାଣିରଖନ୍ତୁ, ଆମ୍ଭେମାନେ ହିନ୍ଦୁ, ବିଶେଷତଃ ବ୍ରାହ୍ମଣ, ବିଦ୍ୟା ବ୍ରାହ୍ମଣମାନଙ୍କର ବିଶିଷ୍ଟ ଅଧିକାର, ସୁଷମା ବ୍ରାହ୍ମଣ କନ୍ୟା, ଆପଣମାନେ ବିଦେଶରୁ ଆସିଅଛନ୍ତି; ଆଉ ବ୍ରାହ୍ମଣମାନଙ୍କ ବ୍ୟୁତ୍ପତ୍ତି ସମ୍ବନ୍ଧରେ ଯେଉଁ ଅଭିଜ୍ଞତା ଅର୍ଜନ କରିଅଛନ୍ତି ତାହା ଅତି ସାମାନ୍ୟ । ମୁଁ ସାହସ ସହକାରେ କହୁଛି; ମୋ ଝିଅ କେବଳ ଯେ ପାଶ୍ କରିବ ତାହା ନୁହେଁ; ସେ ଏହି ସ୍କୁଲରେ ଆପଣଙ୍କ ଛାତ୍ରୀମାନଙ୍କ ମଧ୍ୟରେ ଯଦି ପ୍ରଥମ ସ୍ଥାନ ଅଧିକାର ନକରେ ତାହାହେଲେ ଯେତେଦିନ ସେ ଏହି ସ୍କୁଲରେ ରହିଥିବ, ସେତେଦିନ ପର୍ଯ୍ୟନ୍ତ ମୁଁ ତାହାର ଦୁଇଗୁଣ ଦରରେ ଫିଜ୍ ଦେଉଥିବି - ଏହା ହେଲା ମୋର ପ୍ରତିଜ୍ଞା ।' ମିସ୍ କ୍ରଙ୍କାଇଟ୍ ଉପହାସ୍ୟ କରି କହିଲେ, 'ମିଷ୍ଟର ନାୟକ! ମୋର ପ୍ରତିଜ୍ଞା ମଧ୍ୟ ଆପଣ ଶୁଣନ୍ତୁ । ଆପଣଙ୍କ ଝିଅ ଯଦି କେବଳ ପାଶ୍ କରେ ତାହାହେଲେ ଏହି ସ୍କୁଲରେ ରହିଥିବା ଯାଏଁ ବିନା ଫିଜ୍‌ରେ ତାକୁ ମୁଁ ପଢ଼ାଇବି ।' ଏପରି ପରିହାସରେ କଥାଟାର ମୀମାଂସା ହୋଇଗଲା ।

୧୯୩୨ ସେପ୍ଟେମ୍ବର ୩୦ ତାରିଖରେ ଅପର ପରୀକ୍ଷାର୍ଥିନୀ ଛାତ୍ରୀମାନଙ୍କ ସହିତ ସୁଷମା ମଧ୍ୟ ଇଂରେଜୀ ପରୀକ୍ଷା ସକାଶେ ପ୍ରେରିତ ହେଲା । ନଭେମ୍ବର ୧୫ ତାରିଖରେ ପରୀକ୍ଷା ଆରମ୍ଭ । ଆହୁରି ଯତ୍ନସହକାରେ ସୁଷମାକୁ ପଢ଼ାଇବାକୁ ଲାଗିଲି, ତାହାର କୃତିତ୍ୱ ସମ୍ବନ୍ଧରେ କ୍ରମେ ମୋର ବିଶ୍ୱାସ ବୃଦ୍ଧି ହେବାକୁ ଲାଗିଲା । ତାହାର ପ୍ରକୃତି ସ୍ଥିର, ଅବିଚଳିତ, ପୁଣି ଆଜ୍ଞାପାଳନରେ ଅଦ୍ୱିତୀୟା । ଯାହା କରିବାକୁ କହିଲେ, ଏକା ବସି ଶେଷ ନକରିବା ଯାଏ ଉଠିବ ନାହିଁ । ତାହାର ପ୍ରକୃତିରେ ଏହି ବିଷୟ ଲକ୍ଷ୍ୟ କଲି ଯେ ସେ ଉତ୍ତମରୂପେ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିପାରିବ- ଏଥିରେ ମୋର ସନ୍ଦେହ ରହିଲା ନାହିଁ । ମୋର ପ୍ରତିଜ୍ଞା ପାଳନ ସକାଶେ ଉତ୍ସାହ ମଧ୍ୟ କ୍ରମେ ବୃଦ୍ଧି ହେବାକୁ ଲାଗିଲା ।

ପରୀକ୍ଷା ଆସିଲା । ପ୍ରତ୍ୟେକ ଦିନ ସୁଷମାକୁ ପଚାରି ବୁଝିଲି ଯେ ସେ ପ୍ରତ୍ୟେକ ବିଷୟରେ ଭଲ କରିଛି । ଯେଉଁଦିନ ଇଂରେଜୀ ପରୀକ୍ଷା, ତାହା ମଧ୍ୟ ଖୁବ୍ ଭଲ କରିଛି ବୋଲି କହିଲା । ସେହିଦିନ ସନ୍ଧ୍ୟାରେ ମିସ୍ କ୍ରଙ୍କାଇଟ୍ ମୋ ବସାକୁ ଆସିଲେ ଓ କହିଲେ 'ମିଷ୍ଟର ନାୟକ! ବଡ଼ ଆଶ୍ଚର୍ଯ୍ୟର କଥା; କଥା କଣ କହନ୍ତୁ ତ । ଆପଣଙ୍କ ଝିଅ ଆଗରୁ ଯେ ଇଂରେଜୀ ପଢ଼ିନଥିଲା ତାହା ମୁଁ ବିଶ୍ୱାସ କରୁନାହିଁ । ଉତ୍ତର ଖାତା ସବୁ ପଠାଇବା ପାଇଁ ବନ୍ଧାବନ୍ଧି କରିବା ପୂର୍ବେ ଆମ୍ଭେମାନେ କୌତୂହଳବଶତଃ ଆପଣଙ୍କ ଝିଅର ଖାତା ଦେଖିଲୁ, ଦେଖିଲୁ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଭୁଲ୍ ଭାବରେ ଲେଖିଛି । ଆମ୍ଭେମାନେ ମନେକଲୁ ଯେ, ଅନ୍ୟ ଛାତ୍ରୀମାନଙ୍କ ଖାତାରୁ କପି (ନକଲ) କରିଛି । କିନ୍ତୁ ପ୍ରତ୍ୟେକ ଖାତା ସହିତ ମିଳାଇ ଦେଖିଲୁ ସମସ୍ତେ ଅନେକ ଭୁଲ୍ ଉତ୍ତର ଲେଖିଛନ୍ତି । ଆମ୍ଭେମାନେ ଏଥିରେ ସମସ୍ତେ ବିସ୍ମିତ । କଥା କଣ କହନ୍ତୁ ତ?' ମୁଁ ଆଉ କିଛି ନ କହି କେବଳ କହିଲି, 'ରୁହନ୍ତୁ, ଫଳରେ ଦେଖିବେ ଏଖଣି କିଛି କହିବା ଆବଶ୍ୟକ ନାହିଁ ।'

ଯଥା ସମୟରେ ପରୀକ୍ଷାର ଫଳ ବାହାରିଲା । ସୁଷମା ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଅଛି । ଇଂରେଜୀରେ ୧୦୦ରୁ ୯୦ ଓ ଅନ୍ୟାନ୍ୟ ସମସ୍ତ ବିଷୟରେ ଅନର୍ସ ପାଇଛି । ଶତକଡ଼ା ୭୫ରୁ ଅଧିକରେ ଅନର୍ସ । ମିସ୍ କ୍ରଙ୍କାଇଟ୍ ଏହି ଫଳରେ ମୋତେ ସମସ୍ତଙ୍କ ଆଗରେ ଅଜସ୍ର ପ୍ରଶଂସା କରିବାକୁ ଲାଗିଲେ । ମୁଁ ମଧ୍ୟ ମୋ କନ୍ୟାର ଈଦୃଶ କୃତିତ୍ୱରେ ଗର୍ବିତ ଅନୁଭବ କଲି । ମିସ୍ କ୍ରଙ୍କାଇଟ୍ ସୁଷମାର ଗୋଟିଏ ଫଟୋ ନେଲେ ଓ ଜଣେ ୧୧ ବର୍ଷ ବୟସ୍କା ଓଡ଼ିଆ ବାଳିକା ୪ବର୍ଷର ଇଂରେଜୀ ପାଠ ବର୍ଷକ ମଧ୍ୟରେ ଆୟତ୍ତ କରି କୃତିତ୍ୱ ସହକାରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛି, ଏହ ବିଷୟ ଆମେରିକାସ୍ଥ ତାଙ୍କ ସମ୍ପ୍ରଦାୟର ପତ୍ରିକାରେ ପ୍ରକାଶ କରିଦେଲେ । ସୁଷମା 'ସ୍ମିଥ୍' ପଦକ ପାଇଲା । ଶ୍ରୀମତୀ ସ୍ମିଥ୍ (Mrs Smith) ନାମ୍ନୀ ଜଣେ ଆମେରିକାର ପାଦ୍ରୀ ମହିଳାଙ୍କ ନାମରେ ବାଲେଶ୍ୱରର ସ୍ୱନାମଧନ୍ୟ ମହାରାଜା ବୈକୁଣ୍ଠନାଥ ଦେ'ଙ୍କ ପିତା ରାଜା ଶ୍ୟାମାନନ୍ଦ ଦେ'ଙ୍କ ଆନୁକୂଲ୍ୟରେ ଏହି ପଦକ ସ୍ଥାନୀୟ ବାଳିକା ସ୍କୁଲରେ ସର୍ବଶ୍ରେଷ୍ଠ ଛାତ୍ରୀକୁ ବିତରଣ ସକାଶେ ସୃଷ୍ଟି ହୋଇଥିଲା । ଏହି ବର୍ଷର ପୁରସ୍କାର ବିତରଣ ଉତ୍ସବରେ ସୁଷମାର କୃତିତ୍ୱ ବିଶେଷ ଭାବରେ କୀର୍ତ୍ତିତ ହୋଇଥିଲା । ଆଜି ସୁଦ୍ଧା ସୁଷମା ଏହି ପଦକକୁ ତାହାର ସର୍ବଶ୍ରେଷ୍ଠ ଭୂଷଣ ସ୍ୱରୂପ ବ୍ୟବହାର କରୁଅଛି । ଏହା ହିନ୍ଦୁବାଳିକାର ଅନ୍ତର୍ନିହିତ ପ୍ରତିଭାର ଅମୂଲ୍ୟ ନିଦର୍ଶନ । କହିବା ବାହୁଲ୍ୟ, ସୁଷମା ପରବର୍ଷ ଏହି ବାଳିକା ସ୍କୁଲରେ ରହିଲା । ଏହିବର୍ଷ ଏହି ସ୍କୁଲକୁ ହାଇସ୍କୁଲରେ ପରିଣତ କରିବା ଉଦ୍ଦେଶ୍ୟରେ ହାଇସ୍କୁଲର ଅଷ୍ଟମଶ୍ରେଣୀ ଆରମ୍ଭ କରାହେଲା ଓ ମିସ୍ କ୍ରଙ୍କାଇଟ୍ ତାଙ୍କ ପ୍ରତିଶ୍ରୁତି ରକ୍ଷାକରି ସୁଷମାକୁ ଫିଜ୍‌ରୁ ଅବ୍ୟାହତି ଦେଲେ ।

୧୯୩୩ ମସିହାର ପରୀକ୍ଷାରେ ନିରୁପମା ପ୍ରଥମ ସ୍ଥାନ ଅଧିକାର କରି ମଧ୍ୟ ଇଂରେଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଓ ସ୍ମିଥ୍ ପଦକ ପ୍ରାପ୍ତ ହେଲା । ଦିନେ ମିସ୍ କ୍ରଙ୍କାଇଟ୍ ହସି ହସି କହିଲେ, 'ଦେଖୁଛି ଆପଣଙ୍କ ଝିଅମାନେ ଏହି ସ୍କୁଲରେ ଥିବାଯାଏ ଆଉ କେହି ସ୍ମିଥ୍ ପଦକ ପାଇବେ ନାହିଁ ।'

ଏମାନଙ୍କ କୃତିତ୍ୱ ଦେଖି ମୋର ବିଶ୍ୱାସ ହେଲା, ଏମାନଙ୍କୁ ଉଚ୍ଚ ଶିକ୍ଷାଦେଲେ ବୋଧହୁଏ ସହଜରେ ତାହା ଲାଭ କରିପାରିବେ । ଝିଅମାନଙ୍କୁ ଉଚ୍ଚଶିକ୍ଷା ଦେବା ବିଷୟରେ ଏହି ସମୟରୁ ସମଧିକ ଭାବରେ ଭାବିବାକୁ ଲାଗିଲି । ଯେତେ ଭାବିଲି, ସେତେ ଏହାର ଆବଶ୍ୟକତା ଅନୁଭବ କଲି । ତିନୋଟି ଝିଅର ବିବାହ ସେମାନଙ୍କ ୯,୧୦ ବର୍ଷ ବୟସରେ ହୋଇଯାଇଥିଲା । ସମ୍ବଲପୁରର ପୂର୍ବ ପ୍ରଥାନୁଯାୟୀ ଗୋଟିଏ ଝିଅର ଜନ୍ମହେଲା ଦିନଠାରୁ ମୁଁ ତାହା ସକାଶେ ପାତ୍ର ଖୋଜି ବୁଲେ । ବର୍ତ୍ତମାନ ସାରଦା- ଆଇନ୍ ଜାରୀ ହେବା ଫଳରେ ଝିଅମାନଙ୍କୁ ୧୪ବର୍ଷ ଯାଏ ଘରେ ରହିବାକୁ ହେବ । ପୁଣି କାଳକ୍ରମେ ବିବାହର ବୟସ ବୃଦ୍ଧି ହେବା ସମ୍ଭାବନା ରହିଛି । ତାହାହେଲେ ଘରେ ବସି ଝିଅମାନେ କଣ କରିବେ? କେବଳ ଗୃହସ୍ଥାଳୀ ଶିକ୍ଷାରେ କେତେ ସମୟ ବା ଏମାନଙ୍କର ଅତିବାହିତ ହେବ? କେବଳ ଓଡ଼ିଆ ବହି ପଢ଼ିଲେ ଏମାନଙ୍କ ସମୟ କଟିବ କିପରି? ଅକାରଣରେ ଏମାନଙ୍କ ଜୀବନର ବହୁମୂଲ୍ୟ ସମୟ ନଷ୍ଟ ହୋଇଯିବ ସିନା! ପୁଣି ଶିକ୍ଷାଦ୍ୱାରା ଏମାନଙ୍କ ଜୀବନର ମଙ୍ଗଳ ଛଡ଼ା ଅମଙ୍ଗଳର ସ୍ଥାନ ନାହିଁ । ଝିଅମାନଙ୍କ ପାରିବାରିକ ଜୀବନ ଶିକ୍ଷାଦ୍ୱାରା ହିଁ ଉନ୍ନତ ହେବ, ସମାଜରେ ଶିକ୍ଷିତା ବଧୂର ସମ୍ମାନ ବୃଦ୍ଧି ହେବ, ନିଜ ହାତରେ ନିଜ ପୁଅଝିଅଙ୍କ ଶିକ୍ଷା ସୁଗମ ହେବ । ପ୍ରଗତିଶୀଳ ସମାଜରେ ଏମାନେ ସମ୍ମାନାସ୍ପଦ ସ୍ଥାନ ଅଧିକାର କରିପାରିବେ, ପୁଣି ଶିକ୍ଷିତା ପତ୍ନୀ ଶିକ୍ଷିତ ସ୍ୱାମୀର ପ୍ରକୃତ ସହଧର୍ମିଣୀ ହୋଇପାରିବେ । ଆମ୍ଭମାନଙ୍କ ଅନୁନ୍ନତ ସମାଜରେ ସ୍ତ୍ରୀମାନଙ୍କ ପ୍ରତି ଯେଉଁ ଅମାନୁଷିକ ଦୁର୍ବ୍ୟବହାର ପ୍ରଚଳିତ ଅଛି, ଝିଅମାନେ ଶିକ୍ଷିତା ହେଲେ ତାହା ଦୂର କରିପାରିବେ । ସର୍ବୋପରି କାହାରି ଭାଗ୍ୟ ବିପର୍ଯ୍ୟୟ ଘଟିଲେ ଅର୍ଥାତ୍ ବିଧବା, ଶ୍ୱଶୁରାଳୟରୁ ପରିତ୍ୟକ୍ତା ବା ବିତାଡ଼ିତା ହେଲେ ପଥର ଭିକାରୁଣୀ ନହେଲେ ସ୍ୱୋପାର୍ଜିତ ବିଦ୍ୟା ବଳରେ ସାଧୁ ଜୀବନଯାପନ କରିପାରିବେ । ନିରୁପମାର ବୟସ ୧୩ବର୍ଷ ହୋଇଯାଇଥିଲା । ପାତ୍ର ମଧ୍ୟ ସ୍ଥିର ହୋଇ ରହିଥିଲା । ୧୪ ବର୍ଷ ବୟସ ହେଲେ ତାହାର ବିବାହ ସମ୍ପନ୍ନ କରିବାକୁ ହେବ । ସୁତରାଂ ତା'ର ଉଚ୍ଚଶିକ୍ଷା ସମ୍ବନ୍ଧରେ ଆଉ ଚିନ୍ତା କଲିନାହିଁ । ସୁଷମାକୁ ବିବାହ ଦେବାରେ ଆଉ ଚାରିବର୍ଷ ମାତ୍ର ବିଳମ୍ବ ଥିଲା । ତାକୁ ପଢ଼ାଇଲେ ବିବାହ ପୂର୍ବେ ସେ ମେଟ୍ରିକୁଲେସନ୍ ପାଶ୍ କରିସାରିଥିବ । ସୁତରାଂ ତାହାର ଉଚ୍ଚଶିକ୍ଷା ସମ୍ବନ୍ଧରେ ସଯତ୍ନ ହେଲି । ଅତ୍ୟନ୍ତ କୃଷ୍ଣ ମେଘରେ ଶୁଦ୍ଧ ରଜତ ରେଖା ବିଦ୍ୟମାନତାର ପ୍ରବାଦ ମୋ ଜୀବନରେ ସଫଳ ହେଲା । ସେନାପତି ମହାଶୟଙ୍କର କୋପ ମୋ ପକ୍ଷରେ ମଙ୍ଗଳକର ହେଲା । ମୋ ପ୍ରତି କ୍ରୁଦ୍ଧ ହୋଇ ମୋତେ ବାଲେଶ୍ୱରକୁ ବଦଳି କରାଇ ନଥିଲେ ବୋଧହୁଏ ମୋ ଜୀବନରେ ଝିଅମାନଙ୍କୁ ଉଚ୍ଚଶିକ୍ଷା ଦାନର ସୁଯୋଗ ଲାଭ ହୋଇନଥାନ୍ତା । ଏଥିପାଇଁ ମୁଁ ସେନାପତି ମହାଶୟଙ୍କୁ କୃତଜ୍ଞ ହୃଦୟରେ ସ୍ମରଣ କରିଥାଏ । **(କ୍ରମଶଃ)**

ପର୍ଦ୍ଦା ପଛର କଥା

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

ଭାଗ- ୪୯

॥ କେମିତି ଏ ବନ୍ଧନ ॥

ଅଗଷ୍ଟ ତେର ଦୁଇହଜାର ଏଗାର ମସିହା ଓ ବାର ଅଗଷ୍ଟ ଦୁଇହଜାର ଏଗାର ଅର୍ଥାତ୍ ଗୋଟିଏ ଦିନ ଅନ୍ତରରେ ମୋର ଦୁଇଟି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା । 'କେମିତି ଏ ବନ୍ଧନ'ର ପ୍ରସ୍ତୁତି କିନ୍ତୁ ଢ଼େର୍ ଆଗରୁ ପ୍ରାୟ ବର୍ଷେରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିଲା । ବହୁ ଘଟଣା ଦୁର୍ଘଟଣା ପରେ ଅଗଷ୍ଟ ୧୩ରେ ମୁକ୍ତିଲାଭ କରିଥିଲା । ପ୍ରଯୋଜକ ବଦଳି ଯାଇଥିଲେ କିଛି ଟେକ୍ନିସିଆନ୍ ମଧ୍ୟ ବଦଳି ଯାଇଥିଲେ ପରିବର୍ତ୍ତିତ ପରିସ୍ଥିତିରେ । ନିର୍ଦ୍ଦେଶକ ସରୋଜ ଶତପଥୀଙ୍କର ଏହା ଥିଲା ପ୍ରଥମ ଓ ଶେଷ ଚଳଚ୍ଚିତ୍ର । ଦୁର୍ଭାଗ୍ୟ ବଶତଃ ଦ୍ୱିତୀୟ ଫିଲ୍ମ ପ୍ଲାନିଂ କରିବା ସମୟରେ ସରୋଜ ବାବୁଙ୍କର ଅକାଳ ବିୟୋଗ ଘଟିଲା । କେମିତି ଏ ବନ୍ଧନର ପ୍ରାରମ୍ଭିକ ସ୍ତରରେ ଯିଏ ପ୍ରଯୋଜନା କରିଥିଲେ ସିଏ ମଧ୍ୟ ପାଖାପାଖି ସମୟରେ ଦେହତ୍ୟାଗ କରିଥିଲେ । 'କେମିତି ଏ ବନ୍ଧନ' ସରୋଜ ଶତପଥୀଙ୍କର ଡ୍ରିମ୍ ପ୍ରୋଜେକ୍ଟ ଥିଲା ।

ସରୋଜ ଶତପଥୀଙ୍କ ସହ ମୋର ସାକ୍ଷାତ ପ୍ରଥମଥର କେବେ ହୋଇଥିଲା ସଠିକ୍ ତାରିଖ ମନେ ନାହିଁ । ତେବେ ଭୁବନେଶ୍ୱରସ୍ଥିତ ଆଚାର୍ଯ୍ୟବିହାରରେ ତତ୍‌କାଳୀନ ସବ୍ୟସାଦା (ସବ୍ୟସାଚୀ ମହାପାତ୍ର)ଙ୍କର ଷ୍ଟୁଡିଓରେ, ଦୂରଦର୍ଶନରେ ପ୍ରସାରିତ ଏକ ରହସ୍ୟ ଧାରାବାହିକ ଏଡିଟିଂ ପାଇଁ ସେ ବରାବର ଭୁବନେଶ୍ୱର ଆସୁଥିଲେ । ସବ୍ୟସାଦାଙ୍କ ଷ୍ଟୁଡିଓ ମୋର ଅସ୍ଥାୟୀ ଅଫିସ୍ କହିଲେ ଚଳେ । ଦିନେ ସରୋଜ ବାବୁ ତାଙ୍କର ହାସ୍ୟ ଧାରାବାହିକର ଗୋଟିଏ ଏପିସୋଡ ମତେ ଲେଖିବାକୁ କହିଥିଲେ । ମୁଁ ଲେଖିଥିଲି ମଧ୍ୟ । ବେଶ୍ ଖୋଲା ହୃଦୟର ଲୋକ । ଠୋ ଠା କଥା ବାର୍ତ୍ତା । ସଂଖ୍ୟାଧିକ ଆଲ୍‌ବମ୍‌ର ନିର୍ଦ୍ଦେଶକ । ବହୁ ପ୍ରତିଷ୍ଠିତ କଳାକାରଙ୍କୁ ନେଇ ଆଲ୍‌ବମ୍ ପ୍ରସ୍ତୁତ କରିଥାନ୍ତି । ଚମତ୍କାର ଡ୍ରାମା ସେନ୍‌ସ । ଥରେ କହୁ କହୁ କହିଦେଲି, 'ଆପଣ ଫିଲ୍ମ କରୁନାହାନ୍ତି କାହିଁକି?' ସ୍ମିତ ହସି କହିଲେ 'ମୋର ପ୍ରଥମ ଚଳଚ୍ଚିତ୍ରର ଲେଖକ ହେବେ ଆପଣ' । ଠିକ୍ କିଛିଦିନ ପରେ ସରୋଜ ବାବୁଙ୍କ ଡାକରା ପାଇ କଟକ ଗଲି । ସମ୍ଭାବ୍ୟ ପ୍ରତ୍ୟୁତ୍ପନ୍ନମତିତ୍ୱ ସାଥିରେ ମିଶାଇ ଦେଲେ ଓ ଚଳଚ୍ଚିତ୍ର ପ୍ରସ୍ତୁତି କଥା କହିଲେ । ଖୁସି ଦେଲି । କିଛିଦିନ ପରେ ଭୁବନେଶ୍ୱରସ୍ଥିତ ଏକାମ୍ର ହୋଟେଲ୍‌ରେ କାହାଣୀର ଆଲୋଚନା ହେଲା । ନାୟକ ପିଲାଦିନରୁ ମାନସିକସ୍ତରରେ ଅନଗ୍ରସର । ଏକମାତ୍ର ପୁଅ ହୋଇଥିବାରୁ ବିତ୍ତଶାଳୀ ବାପା ଓ ମା ସବୁ କେୟାର ନେଉଥାନ୍ତି । କିନ୍ତୁ ହଠାତ୍ ନାୟକ ଏକ ମର୍ଡର କେଶ୍‌ରେ ଛନ୍ଦି ହୋଇଯାଏ । କୋର୍ଟରେ ନିଜ ନିର୍ଦ୍ଦୋଷତାର ପ୍ରମାଣ ପ୍ରମାଣିତ ହୋଇ ପାରେନି । ମୃତ୍ୟୁଦଣ୍ଡ ଦିଆଯାଏ । ମୃତ୍ୟୁଦଣ୍ଡର ଅବ୍ୟବହିତ ପୂର୍ବରୁ ନାୟକକୁ ମାନସିକ ଚିକିତ୍ସା ପାଇଁ ପଠାଇ ଦିଆଯାଏ । ଅନ୍ୟ ଜଣେ ନାୟିକାର ଆବିର୍ଭାବ ହୁଏ । ଏପରି ଏକ ରହସ୍ୟ, ରୋମାଂଚରେ ଭରପୁର କାହାଣୀ ଥିଲା ମୋ ପାଇଁ ଏକ ଚ୍ୟାଲେଞ୍ଜ । ସରୋଜ ଶତପଥୀ କାହାଣୀଟିକୁ ଏପରି ସଜେଇ କରି ଚିତ୍ରନାଟ୍ୟ ପ୍ରସ୍ତୁତ କରିଥିଲେ ମୁଁ ରୋମାଂଚିତ ହୋଇ ପଡୁଥିଲି ।

ମୋଟାମୋଟି ଭାବରେ ଚଳଚ୍ଚିତ୍ରଟିରେ କୌଣସି କ୍ଷେତ୍ରରେ କମ୍ପ୍ରୋମାଇଜ୍ କରିବା ସପକ୍ଷରେ ସରୋଜ ବାବୁ ଚାହିଁ ନଥିଲେ । ମନ ମୁତାବକ ପ୍ରଯୋଜକ ମଧ୍ୟ ମିଳିଗଲେ । କାମ ଆଗେଇ ଚାଲିଲା । ଏକାମ୍ର ହୋଟେଲରେ ମୁଁ ବସି ସ୍କ୍ରିପ୍ଟ କାମ କରୁଥାଏ । ଏଇ ହୋଟେଲଟି ମୋ ପାଇଁ ଲକି ସାବ୍ୟସ୍ତ ହୋଇଥାଏ । କାରଣ ଅଧିକାଂଶ ଧାରାବାହିକ ଓ ଫିଲ୍ମର ସ୍କ୍ରିପ୍ଟ କାମ ଏଇଠି ସାରିଥାଏ ।

ଦିନେ ନିର୍ଦ୍ଦେଶକଙ୍କ ସାଙ୍ଗରେ ନାୟକ ସବ୍ୟସାଚୀ ହୋଟେଲ୍ ରୁମ୍‌ରେ ପହଞ୍ଚିଗଲେ । ଅସମ୍ଭବ ଗରମ, ଏ.ସି. ନଥାଏ । ସବ୍ୟ କହିଲେ, 'ସାର୍ ଏ ଗରମରେ ମୁଣ୍ଡ ଖରାପ ହୋଇଯିବ । ଆପଣ ଆମ କ୍ୱାର୍ଟରକୁ ଚାଲନ୍ତୁ । ସେତେବେଳେ ସବ୍ୟଙ୍କର ବାପା ସୁରେନ୍ଦ୍ର ମିଶ୍ର ମାନ୍ୟବର ରାଜ୍ୟପାଳଙ୍କ ସେକ୍ରେଟାରୀ । ତାଙ୍କ କ୍ୱାର୍ଟରରେ ଖିଆପିଆ । ସବ୍ୟ ଷ୍ଟୋରି ଶୁଣିଲେ । ଖୁବ୍ ପସନ୍ଦ ଆସିଲା । ସେ ଚରିତ୍ରଟି ମଧ୍ୟ ସବ୍ୟ ପାଇଁ ଚ୍ୟାଲେଞ୍ଜ ଥିଲା ।

ପ୍ରଥମରୁ ସରୋଜ ଶତପଥୀ ଚାହୁଁଥିଲେ ବଲିଉଡ୍‌ର ନାନା ପାଟେକରଙ୍କୁ କାଷ୍ଟିଂ କରିବା ପାଇଁ । ମାତ୍ର ନାନା ପାଟେକର କୌଣସି କାରଣରୁ ରାଜି ହେଲେ ନାହିଁ । ଶେଷରେ ଚନ୍ଦ୍ରଚୂଡ଼ ସିଂଙ୍କୁ ନିଆଗଲା । ଚନ୍ଦ୍ରଚୂଡ଼ଙ୍କ ବାଲ୍ୟକାଳ ଓଡ଼ିଶାରେ କଟିଛି । ସେ ରାଜି ହୋଇଗଲେ ଅନ୍ୟାନଙ୍କ ମଧ୍ୟରେ ସବ୍ୟସାଚୀଙ୍କ ସହ ଅର୍ପିତା, ଅନୁ ଚୌଧୁରୀ, ଚନ୍ଦ୍ରଚୂଡ଼ ସିଂ, ବିଜୟ ମହାନ୍ତି, ମହାଶ୍ୱେତା, ମିହିର ଦାସ, ହରି, ହାଡୁ, ଜର୍ଜତିଆଡ଼ୀ, ଅଶ୍ରୁମୋଚନ ପ୍ରମୁଖ ବହୁ କଳାକାର ଅଭିନୟ କରିଥିଲେ । କ୍ୟାମେରା ପରିଚାଳନା କରିଥିଲେ ସତୀଶ ।

କଟକରେ ବିରାଟ ଆକାରରେ ମହୁରତ ହେଲା । ଗୁଡ଼ିଏ ପଇସା ଖର୍ଚ୍ଚ ହୋଇଥିଲା । ପ୍ରେମାନନ୍ଦ ଛଅଗୋଟି ଗୀତ ଟ୍ୟୁନ୍ କରିଥିଲେ । ପ୍ରଥମେ ଚଳଚ୍ଚିତ୍ରଟିର ନାମ କରଣ ଆମେ ଅନ୍ୟ ଗୋଟିଏ ନାମରେ କରିଥିଲୁ । କିନ୍ତୁ ପରେ '

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୨ ମଇ, ୨୦୨୨

ପ୍ରେମରେ ପ୍ରେମରେ ଗୀତି ....(୪୮)

॥ ଶାରି କେଣେ ଉଡ଼ିଗଲା ॥

ମନ ମୋ' ସଜନୀ ଆକାଶଠୁ ବଡ଼
ହୃଦୟ ମୋ' ସାଗରଠୁ,
ହେଲେ ତୁମ ପ୍ରେମ ଏତେ ବଡ଼ ଯାହା
ବିଶାଳ ଏ ପୃଥିବୀଠୁ ।

ହୃଦୟକୁ ତୁମ ମାପିଛି ମୁଁ ବସି
ଥକି ପଡ଼ିନାହିଁ ଜମା,
ରାତି ପରେ ରାତି କେତେ ଯେ ଏମିତି
ମାପିଛି ତା ପରିସୀମା,
ପ୍ରେମ ଶାରି ତୁମ ହୃଦୟ ଭିତରୁ
ଡାକ ଦିଏ ମିଠୁମିଠୁ ।

ଦିନେ ସଂଜବେଳେ ପ୍ରେମର ପଞ୍ଜୁରି
ଦେଖିଲି ପଡ଼ିଛି ଖୋଲା,
ମାପିବାକୁ ତା'ର ବିଶାଳ ହୃଦୟ
ଶାରି କେଣେ ଉଡ଼ିଗଲା
ଜଣାପଡ଼େ କ'ଣ ବିଶାଳତା କା'ର
କେବେ କାହା ହୃଦୟଠୁ ।

■ ବିପିନ ମହାନ୍ତି

❤ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧

ମୋ ଦୃଷ୍ଟିରେ ମୋ ସୃଷ୍ଟି...(୪)

■ ହେମେନ୍ଦ୍ର ମହାପାତ୍ର



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

ପ୍ରିୟା ନା ପିଶାଚୀ

ଯା' ହେଉ ବହୁ ପରିଶ୍ରମ କଟାଛଟା ପରେ ନାଟକର ଏକପ୍ରକାର ମୁଣ୍ଡି ମରିଲା । ନାଟକର ଗଠନ ପରିପାଟୀ (ଷ୍ଟ୍ରକ୍‌ଚର) ସମ୍ବନ୍ଧରେ ମୋର ଆଦୌ ଜ୍ଞାନ ନଥାଏ । ନାଟକୀୟ ଶବ୍ଦ 'ଉପସ୍ଥାପନା' 'ଅଂକ', 'ଦୃଶ୍ୟ', 'ଯବନିକା' କଣ ମୁଁ ଜାଣି ନଥାଏ । ତଥାପି ଯେମିତି ହେଉ ଆନୁମାନିକ କିଛି କିଛି ଲେଖିଲି । ନାଟକର ନାମ ଦେବାରେ ମୁଁ ନାକେଦମ୍ ହୋଇଥିଲି । ନାମ ତ ଥିଲା 'ଆଇ ଲଭ୍ ୟୁ' କିନ୍ତୁ ଏ ଖଣ୍ଡବାକ୍ୟଟି ସେତେବେଳର ସମାଜରେ ଥିଲା ଏକ ଧର୍ଉବ୍ୟ କଥା ଆଶାଳୀନ ଶବ୍ଦ, ସର୍ବସାଧାରଣରେ ତାହା କହିବା ଏକ ପ୍ରକାର ନିଷିଦ୍ଧ । ତେଣୁ ଏହି ନାଁକୁ ନେଇ ମୋର ସେତେବେଳର ବୟସରେ ଯାହା ପାଖକୁ ଗଲି ସେମାନେ ନାକ ଟେକିଲେ, ଏକରେ ତ ମୁଁ ପ୍ରଥମରୁ କହି ଅସିଛି ମୁଁ ପିଲାଟି ବେଳୁ ଦୟାଳୁ ତଥା ଲାଜକୁଳା । ତା' ପରେ 'ଆଇ ଲଭ୍ ୟୁ' ମୋର ଅନ୍ତରଂଗ ବଂଧୁମାନଙ୍କୁ ଅବଗତ କରାଇବାକୁ ଡରିଲି । କିନ୍ତୁ ନାଟକଟି ନକଲେ ମୋ ଶୋଷ ମରୁନି କି ମୋ ଆଶାପୂରୁନି । ଆମ ଘରେ ତଥା ବନ୍ଧୁ ବାନ୍ଧବରେ ଅନେକ ନାଟୁଆ ଲୋକେ ଥିଲେ କିନ୍ତୁ ଏମିତି ଏକ ନାଁ ନେଇ ତାଙ୍କ ପାଖକୁ ଯିବାକୁ ଡରିଲି । ସେତେବେଳେ ଆମ ଘରେ ଭଡ଼ାରେ ରହୁଥିଲେ ରଘୁନାଥ ଷଡ଼ଙ୍ଗୀ ବୋଲି ଭଦ୍ରଲୋକ । ଯିଏକି ଚାନ୍ଦିପୁର ଗୋଳାବାରୁଦ ପରୀକ୍ଷାଗାରରେ ମୋ କକାଙ୍କ ସାଂଗରେ ଚାକିରୀ କରୁଥିଲେ । ତାଙ୍କ ପ୍ରକୃତ ଘର ସୋରର କେଦାରପୁରରେ । ସେ ଯେ ଜଣେ ପୋଖତ ନାଟୁଆ ମୁଁ ପରେ ଜାଣିଲି । ତାଙ୍କ ରୁମ୍‌ରେ ବସି ଅଧିକାଂଶ ସମୟରେ ପଢ଼ାପଢ଼ି କରୁଥିଲି, ଭାଗ୍ୟବଶତଃ ତାଙ୍କ ହାତରେ କେମିତି କେଜାଣି ମୋ ନାଟକଟା ପଡ଼ିଗଲା, ସେ ପଢ଼ିଦେଲେ । ମୁଁ ଜାଣିଲି, ଡର ଲାଗୁଥାଏ କାଳେ କକା କିମ୍ବା ବାପାଙ୍କୁ ସେ କହିଦେବେ । ସେ କିନ୍ତୁ କାହାରିକୁ କିଛି ନକହି ମୋତେ କହିଲେ ଯେ, ନାଟକଟା ଭଲ ହେଇଛି ଯେ, ତାର ଦୃଶ୍ୟ ସଜ୍ଜାରେ କିଛି ଭୁଲ ରହିଛି, ସେଇ ଭୁଲକୁ ସେ ଦେଖେଇ ଦେଲେ ଏବଂ ତାଙ୍କ ପାଖରେ ଥିବା 'ଭାତ' (କାଳି ଚରଣଙ୍କ ନାଟକ) ଥିଲା, ମୋତେ ପଢ଼ିବାକୁ ଦେଲେ, ସେ ନାଟକରୁ ମୁଁ ଦୃଶ୍ୟ ଅଂକ ଆଦି ନାଟକର ସାଧାରଣ ପରିପାଟୀ ସମ୍ବନ୍ଧରେ ଜାଣିଲି, ତା' ପରେ ମୋ ନାଟକଟିକୁ ମୁଁ ପୁଣିଥରେ ସଜାଡ଼ିଲି । ଆଉଥରେ ପୁନର୍ଲିଖନ କଲି । ଷଡ଼ଙ୍ଗୀ ବାବୁଙ୍କୁ ଦେଲି, ସେ ପଢ଼ିବା ପାଇଁ ଅଫିସ ନେଇଗଲେ । ସେଇଠି କକାଙ୍କ ହାତରେ ଧରା ପଡ଼ିଗଲି । କିନ୍ତୁ କକା ତ ମୋତେ କିଛି କହିଲେନି, ଷଡ଼ଙ୍ଗୀ ବାବୁଙ୍କୁ ଦାୟିତ୍ୱ ଦେଲେ ନାଟକଟି ମଂଚସ୍ଥ କରିବା ପାଇଁ । ତା' ପରେ ଷଡ଼ଙ୍ଗୀ ବାବୁଙ୍କ ନେତୃତ୍ୱରେ ମଂଚନ ପାଇଁ ପ୍ରଚେଷ୍ଟା ଆରମ୍ଭ ହେଲା । ମୋର ସମସାମୟିକ ପାଠ ପଢୁଆ ସାଥୀମାନେ ରାଜି ହେଲେନି । ବହୁ ଡକାଡକି ପରେ ଯେଉଁ କେତେଜଣ ଆସିଲେ ସେମାନେ ନାଟକର କାହାଣୀ ଭାଷାକୁ ପସନ୍ଦ କଲେନି । ସମସ୍ତଙ୍କ ଲକ୍ଷ୍ୟ ରହିଲା ଯା' ଭିତରେ କଣ ଭୁଲ ଅଛି, ବାହାର କରିବା କିନ୍ତୁ ଷଡ଼ଙ୍ଗୀ ବାବୁ ଧୈର୍ଯ୍ୟ ହରାଉ ନଥାନ୍ତି । ତାଙ୍କର ଏକାନ୍ତ ଲକ୍ଷ୍ୟ ନାଟକ ହେବ ଏବଂ ଏଇ ନାଟକ ହିଁ ହେବ । ଶିକ୍ଷିତ ପିଲା ନାକ ଟେକୁଛନ୍ତି ଠିକ୍ ଅଛି ଆମ ଅଂଚଳରେ ଥିବା ରାଜମିସ୍ତ୍ରୀ, ମଜୁରିଆ ଯେଉଁମାନେ ପାଠଶାଠ ପଢ଼ି ନାହାଁନ୍ତି ସେହିଭଳି ପିଲା କୋଡ଼ିଏ ପଚିଶଙ୍କୁ ଏକଜୁଟ କରି ଗୋଟିଏ ଅନୁଷ୍ଠାନ ଗଢିଲୁ 'ବାସନ୍ତୀକ୍ଲବ ଓ ପାଠାଗାର' । ଆମ୍ଭ ସହିତ ଆଉ କିଛି ଶିକ୍ଷିତ ପିଲା ଓ ବଡ଼ମାନେ ବି ଆସିଲେ । ପୁରୁଣା ଯାତ୍ରା ଦଳରୁ କିଛି କଳାକାର ମଧ୍ୟ ଆସିଲେ । ରିହାର୍ସେଲ ଆରମ୍ଭ ହେଲା ।

ତା' ଭିତରେ ମଧ୍ୟ ନାଟକର ସଂଶୋଧନ ଚାଲିଥାଏ, କେତେ କଳାକାର ଆସୁ ଥାଆନ୍ତି କେତେ ପଳେଇ ଯାଉଥା'ନ୍ତି । ଯା' ହଉ ଧୈର୍ଯ୍ୟର ସହିତ ଷଡ଼ଙ୍ଗୀ ବାବୁଙ୍କ ନିର୍ଦ୍ଦେଶରେ କାମ ଆଗେଇ ଚାଲିଥାଏ ସେତେବେଳେ ନାରୀ ଭୂମିକାରେ ପୁଅପିଲାମାନେ ଅଭିନୟ କରୁଥାନ୍ତି । ନାଟକ ଧିରେ ଧିରେ ବେଶ ଉପରକୁ ଉଠୁଥାଏ । କାହାଣୀ ପ୍ରତି ଚରିତ୍ର ପ୍ରତି ସମସ୍ତଙ୍କୁ ଧିରେ ଧିରେ ଭଲ ଲାଗୁଥାଏ । କାହାଣୀ ସେମିତି 'ଆଇ ଲଭ ୟୁ'ରୁ ଆରମ୍ଭ ହୋଇ 'ଆଇ ଲଭ ୟୁ'ରେ ସରିଥାଏ, ବିଭିନ୍ନ ଭୂମିକାରେ ଅଭିନୟ କରୁଥା'ନ୍ତି କୈଳାସ ମାଝୀ, କଳଳାସ ମାଝୀ, ସଦାଶିବ ମାଝୀ, ମନୋଜ ଗିରି, ମନ୍ମଥ ନାଥ ଦାସ, ଧ୍ରୁବ କେନା, ସୂର୍ଯ୍ୟ କୁମାର ଚୌଧୁରୀ, କରୁଣାକର ସାହୁ, ଯଦୁନାଥ ଦାସ, ବାଇଧର ମାଝୀ ଏବଂ ମୁଁ ନିଜେ ନାୟକ ଭୂମିକାରେ ଅଭିନୟ କରୁଥାଏ । କାହାଣୀର ମୂଳ ଉତ୍ସ ତ ପୂର୍ବରୁ କହି ସାରିଛି, ତାହା ଏକ ଡିଟେକ୍‌ଟିଭ ଧାରାରେ ଗଢ଼ିଯାଇ ଯବନୀକାରେ ପହଞ୍ଚିଛି । ପୁଣି ଝଡ଼ ଉଠିଲା ନାଟକର ନାମକୁ ନେଇ । ଆଇ ଲଭ ୟୁ ନାମରେ ନାଟକ କରି ହେବନି । ଗାଁର ମୁରବୀମାନେ ଶୁଣି ଖପ୍‌ପା ହେଲେ । ଏଭଳି ନାଟକରେ ଗାଁର ଝିଅ ବୋହୂମାନେ ଖରାପ ହୋଇଯିବେ ବୋଲି ଆଶଙ୍କା ଆସିଲା । ଶେଷରେ ବହୁ ତର୍କ ବିତର୍କ ପରେ ନାଟକର ନାମ ହେଲା 'ପ୍ରିୟା ନା ପିଶାଚୀ' । ଏହାର ଅନେକ ଗୁଡ଼ିଏ କାରଣ, ଏବେ ତ ଆମେ କିଛି ଅର୍ଦ୍ଧଶିକ୍ଷିତ ଆଉ ଅଧିକାଂଶ ଅଶିକ୍ଷିତ । ତା'ଛଡ଼ା ଯାତ୍ରା ଦଳଟେ ଥିବାରୁ ତାର ପ୍ରଭାବରୁ ଏମିତି ନାମଟେ ସର୍ବସମ୍ମତି କ୍ରମେ ସ୍ଥିର ହେଲା । ଅର୍ଥ ଅନ୍ୟ ଏକ ସମସ୍ୟା, ଶହେ ପାଖାପାଖି ଖର୍ଚ୍ଚ ହେବ । କୋଉଠୁ ଆସିବ, ଗାଁରୁ ଚାଉଳ ଟଙ୍କା ଇତ୍ୟାଦି ଆଦାୟ କରାଗଲା, ଶେଷରେ ରାସ୍ତା କଡ଼ରେ ଥିବା ଶୁଖିଲା ଡାଳମାନ ଆଣି ବିକି ସେ ଅର୍ଥରେ ନାଟକ ହେଲା । ସେଦିନ ଥିଲା ୧୯୭୧ ମସିହା ସେପ୍ଟେମ୍ବର ଆଠ ତାରିଖ, ଲକ୍ଷ୍ମୀନାରାୟଣ ଠାକୁର ବାଡ଼ିରେ ଖଟ ପକେଇ ମଂଚ ପ୍ରସ୍ତୁତ କଲୁ ଓ ନାଟକ ମଂଚନ କଲୁ । ସେତେବେଳର ବିଶିଷ୍ଟ ସାମ୍ବାଦିକ ସ୍ୱର୍ଗତ ମିହିର ପାଣିଗ୍ରାହୀ ଆସି ନାଟକଟିକୁ ଉଦ୍‌ଘାଟନ କରିଥିଲେ । ସେହି ୨୮ ତାରିଖ 'ସମାଜ'ରେ ସମ୍ବାଦ ପ୍ରକାଶ ମଧ୍ୟ ପାଇଥିଲା । ନାଟକ ଯେତେବେଳେ ମଂଚସ୍ଥ ହେଉଥାଏ, ତା'ର ସ୍ମୃତି ମନେ ପଡ଼ିଲେ ଦେହ ମନ କଣ ହେଇଯାଉଛି । ଇସ୍ କି ତାଳି, ପୁରସ୍କାରରେ ମଂଚ ଦୁଲୁକି ଉଠୁଥାଏ । ହସକାନ୍ଦ ଭିତରେ ନାଟକଟି ଏତେ ସଫଳ ହେଲା ଯେ ଲୋକମାନେ ପଇସା ଦେଇ କହିଲେ ତା' ପରଦିନ ଆଉଥରେ କରାଯାଉ । ତା' ପରଦନ ପୁଣି ମଂଚସ୍ଥ ହେଲା । ଡର ଭାଂଗି ଯାଇଥାଏ ତେଣୁ ପୁରାଦମ୍‌ରେ ନାଟକରେ ଯେମିତି ଡେଣା ଲାଗିଗଲା, ଆକାଶରେ ଉଡ଼ିଲା । ଏହିପରି ପ୍ରିୟା ନା ପିଶାଚୀ ମାଧ୍ୟମରେ ମୋର ମଂଚ ପ୍ରବେଶ ଘଟିଲା । (କ୍ରମଶଃ)

ଧାରାବାହିକ ଉପନ୍ୟାସ

ଉଚ୍ଛଳ ଉପତ୍ୟକା

ଭାଗ-୭

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଏମିତିରେ ବି ସଂପଦଙ୍କୁ ମୁଁ ପିଲାବେଳୁ ଜାଣିଛି । ଆମ ଛୁଆବେଳେ ତାଙ୍କ ମା'ବାପା କୁହନ୍ତି - ଚିତ୍ରାଟାକୁ ଆମେ ବୋହୂ କରି ନେବୁ । ମୋ ପୁଅ ସହିତ ଚିତ୍ରା ଖୁବ୍ ମାନିବ । ଈଶ୍ୱରଙ୍କ ଇଚ୍ଛା, ଭାଗ୍ୟରେ ଥିଲେ ଦୁଇ ପରିବାରର ବନ୍ଧୁତ୍ୱ ଆହୁରି ମଜବୁତ୍ ହେଇପାରିବ ।

ହେଲା ବି ସେୟା । ଦୁଇପାଖର ଲୋକେ ପ୍ରାଣପଣେ ଲାଗିପଡ଼ିଲେ ଏକ୍ ହେବାପାଇଁ । ସେଇଥିପାଇଁ ତ ନିର୍ବନ୍ଧ କାର୍ଯ୍ୟ ସାରିଦେଇ ବନ୍ଧୁତ୍ୱର ପ୍ରଥମ ପାହାଚ ଉଠିବାପାଇଁ ତରତର ହେଲେ । ସତରେ ବି ଏମିତି ବନ୍ଧୁ କଣ ସହଜରେ କାହାକୁ ମିଳେ ! ଭାଗ୍ୟରେ ଥିଲେ, ଭଗବାନ ଇଚ୍ଛା କଲେ ଏଭଳି ସ୍ୱର୍ଗୀୟ ସମ୍ପର୍କ ସମ୍ଭବ ହୋଇଥାଏ । ଉଦାହରଣ ସ୍ୱରୂପ ଆଜି ପାଳିତ ହେବାକୁ ଯାଉଥିବା ଶୁଭ ଉତ୍ସବର ଅବହାଓ୍ୱାରୁ ଜଣାପଡୁଛି ।

ନୀତି ନିୟମ ଓ ନିଷ୍ଠା ଅନୁଯାୟୀ, ମୁଦିପିନ୍ଧା ଶୁଭକାର୍ଯ୍ୟଟି ଖୁବ୍ ସୁନ୍ଦର ଭାବେ ପାଳିତ ହେଲା।

ଛୋଟକାଟର ହେଲେ ବି ସ୍ୱାଦିଷ୍ଟ ଭୋଜିର ଆୟୋଜନ କରିଥିଲେ ବାପା, ପିଇସା ଓ ମାମୁ । ପିଲାମାନେ ତ ଖୁସୀ ମଜାରେ ଘରଦ୍ୱାର ଚମକେଇ ଦେଉଥିଲେ ।

ଗହଳ ଚହଳ ଭାଙ୍ଗିଗଲା ପରେ ଲେଖା ଆବୁରୁ ଜାବୁରୁ ଗୁଡ଼ାଏ ଜିନିଷପତ୍ର ଧରି ମୋ ରୁମ୍‌କୁ ଆସି କହିଲା - ଦେଖ୍ ତୋ ଶାଶୁଘର କେତେ ସୁନ୍ଦରସୁନ୍ଦର ଗହଣା ଶାଢ଼ୀ ଦେଇଛନ୍ତି । ତାଙ୍କ ପସନ୍ଦକୁ ତାରିଫ୍ କରିବା କଥା । ଦେଖ୍ ଦେଖ୍‌ନା ଚିତ୍ରା, ହାରଟା ତ କ୍ଲାସିକ୍ । ପାଟଶାଢ଼ୀର ଡିଜାଇନ୍ ମତେ ଖୁବ୍ ଭଲ ଲାଗୁଛି । ଶ୍ରୀଘ୍ର ପିନ୍ଧାପିନ୍ଧି କରି ଝଲିଆ, ତୋର କେତେଟା ଫଟୋ ନେବା । ଆରେ ତୋ ପାଇଁ ଆଜି ଦିନଟାର ସ୍ୱତନ୍ତ୍ରତା ଅଛି ହିଁ ଅଛି । ଥରେ ମାତ୍ର ଏ ଶୁଭଦିନ ଆସେ । ଏଣୁ ତୁ ଖୁସୀ ହୁଅ, ଖୁବ୍ ଖୁସୀ । ଅନୁଭବରେ ଆଣିବାକୁ ଚେଷ୍ଟାକର ଆଜି ଦିନଟିର ଆନନ୍ଦମୁଖର ମୁହୂର୍ତ୍ତମାନଙ୍କୁ ।

ଲେଖା ଯାହା କହେ ତ ଯାହା କରେ କାର୍ଯ୍ୟରେ ହିଁ କରି ଦେଖାଏ ସେସବୁକୁ । ଏଣୁ ବାରମ୍ବାର ତା ଅନୁରୋଧରେ ଶାଢ଼ୀ ଗହଣା ପିନ୍ଧି ଛିଡ଼ାହେବାକୁ ପଡ଼ିଲା ମତେ । ବିଭିନ୍ନ ପୋଜ୍‌ରେ ସେ ଗୁଡ଼ାଏ ଫଟୋ ଉଠାଇଲା । ମତେ କୁଣ୍ଢେଇ ପକେଇ କହିଲା - ରାଜରାଣୀ ଭଳି ଝଟକୁଛୁ ବେ ତୁ' । ସହଜେ ତ ସୁନ୍ଦରୀ ତା'ଉପରେ ପୁଣି ଏକ ଝକ୍‌ଝକିଆ ବେଶ ! ବାହାଘରରେ ତୁ କ'ଣ ନ ଦିଶିବୁ ଯେ ! ଧେ୍ତ ନଜର ପକେଇଦେଲି ତୋ ଉପରେ । କିଛି ଭାବୁନୁ ତ, ମୋ ସୁନା ଭଉଣୀଟା ପରା । ଝଲ୍ ଝଲ୍ ମାଇଁ ଡାକିଲେଣି । ଠାକୁର ଘରେ ପ୍ରଣାମ କରିବୁ ପରା, ଖୁବ୍ ଡେରି ହେଲାଣିରେ !

ସତରେ ବି ଠାକୁରଘରେ ସମସ୍ତେ ଅପେକ୍ଷା କରିଥିଲେ ମତେ । ମାଇଁ ମତେ ଭିଡ଼ିନେଇ ତାଳୁଠୁ ତଳିପାଯାଏଁ ଚାହିଁଲେ । ଖୁସୀରେ ଗଦ୍‌ଗଦ୍ ହେଇ କହିଲେ-ଝିଅ ଠାକୁରଙ୍କୁ ପୁଷ୍ପାଞ୍ଜଳି ଦେଇ ମୁଣ୍ଡିଆ ମାର । କେତେବଡ଼ ଶୁଭଦିନ ଆଜି ତମ ପାଇଁ ପରା ! ଖୋଜା ନାହିଁ ଲୋଡ଼ା ନାହିଁ ହାତ ପାଆନ୍ତାରେ ଆସି ଜୋଇଁ ହାଜର ! ଭାଗ୍ୟବତୀ ତମେ । ତମ ମାମୁ ସଂପଦ ଆଉ ତାଙ୍କ ବାପାଙ୍କ ସହିତ ଅନେକ ସମୟ ଧରି କଥାବାର୍ତ୍ତା ହେଉଥିଲେ । ଖୁସୀରେ ଆସି କହୁଥିଲେ କୋଉ ଜନ୍ମର ପୁଣ୍ୟଫଳରେ ସରିତା ଓ ଚରଣ ଏଭଳି ସୁନ୍ଦର ଆଉ ଗୁଣର ଜୋଇଁଟିଏ ପାଇଲେ । ଯାହା ମନ ବଡ଼, ତା ଫଳ ବି ତ ବଡ଼ ହେବ ହିଁ ହେବ ।

ସେଦିନର ରାତିଟା ଥିଲା ଖୁବ୍ ଆମୋଦଦାୟକ ।

ବିଧି ବିଧାନକୁ ନେଇ ଯେତେ ଯାହା କାର୍ଯ୍ୟ...ସାରିଦେଲା ପରେ ପିଇସୀ ପିଇସା ତ ମାମୁ ମାଇଁ ତାସ୍ ଖେଳରେ ବସିଗଲେ । ବନ୍ଧୁ ବାନ୍ଧବ ଓ ସାଙ୍ଗସାଥୀଙ୍କ ପାଇଁ ମିଠା ପ୍ୟାକେଟ୍ ସଜାଡ଼ିଲେ ବାପା ମା' । କ୍ୟାରମ୍‌ରେ ମାତିଗଲେ ଛୋଟ ଭାଇମାନେ । କେବଳ ଲେଖା ମୁଁ ରହିଗଲୁ ସେମାନଙ୍କଠାରୁ ଅଲଗା ହେଇ ।

ପୂର୍ଣ୍ଣମୀ ତିଥି, ଗୋଲ୍‌ଗାଲ୍ ଜହ୍ନ ଆକାଶରେ ଟହଟହ ଦିଶୁଥାଏ । ଲେଖା ଓ ମୁଁ ଛାତ ଉପରେ ବସିଥାଉ । ସେ ତ ଏତେ ଖୁସି ଥାଏ କଳନା କରିହେବନି । ସତରେ କଣ ସେ ଖୁସୀ...ଆନନ୍ଦରେ ବଡୁରୁଛି । ମା' କହନ୍ତି ସମବୟସୀ ଝିଅମାନଙ୍କ ଭିତରେ ସଫଳତା ଓ କୃତକାର୍ଯ୍ୟତାକୁ ନେଇ ବେଳେବେଳେ ମନାନ୍ତର ଦେଖାଦିଏ । ଅସହଣୀୟ ପରିସ୍ଥିତି ଉପୁଜେ ବି । ଏମିତି ବି ହୁଏ ପରବର୍ତ୍ତୀ ସମୟରେ କେହି କାହାକୁ ଝହାଁନ୍ତିନି ଘେନନ୍ତିନି କୋଉ କଥାରେ କି ବ୍ୟଥାରେ ।

କିନ୍ତୁ ଲେଖା ପାଖରେ ତ ମୋ କୃତକାର୍ଯ୍ୟତା ପାଇଁ ନକାରାତ୍ମକ ଝଲିଚଳନ କି ବ୍ୟବହାର ଅନୁମେୟ ହେଉନି । ପାଖାପାଖି ବୟସର ଆମେ ଦୁହେଁ । ଆମ ଚିନ୍ତା ଚେତନା ଓ ମନୋଭାବ ସମ୍ପୂର୍ଣ୍ଣ ରୂପେ ଏକାଭଳି ନଥିବ ତ, ତେବେ ଲେଖା ଏତେ ଉଚ୍ଛଳ ଉତ୍ତାଳ କଣ ପାଇଁ ! ଅବଶ୍ୟ ସେ ଏମିତି ଝିଅଟେ । ତା ପାଖରେ କେତେବେଳେ ବି କାହାପ୍ରତି ବାଦ ହିଂସାର ଆଭାସ ମୁଁ ଅନୁଭବିନି । ତଥାପି ମଣିଷ ସ୍ୱଭାବ ନା...କିଛି ତ ସାଧାରଣ ଥିବ

ନା... ତା' ବ୍ୟବହାର ଓ ଖୁସୀପଣର ଅନ୍ତରାଳରେ ନିଶ୍ଚୟ କିଛି ସକାରାତ୍ମକ କାରଣ ଅଛି । ଏମିତିରେ ବି ଯାହା ଭିତର ଖୁସୀ ଆନନ୍ଦରେ ଭରପୂର ସେ କାହିଁକି ଅନ୍ୟର ସୁଖରେ ସୁଖୀ ନହେବ ! ତେବେ ଏତେ ଖୁସୀ ତାର କାହାପାଇଁ । କୋଉ ଶ୍ରଦ୍ଧାଶୀଳ ବ୍ୟକ୍ତିପାଇଁ ସେ ଏତେ ଛଳଛଳ !

ପଝରିଦେବି କି - ତୋ ପ୍ରାପ୍ତିର ସୁଢ଼ଳ ଜହ୍ନକୁ ମତେ ଦେଖେଇଦେ ନା'...ଖୁସୀରେ ବିଭୋର ହେଇଯିବିରେ ମୁଁ । ପଝରି ପାରିଲିନି । କିନ୍ତୁ ଦୃଢ଼ ହେଇଗଲି ନିଶ୍ଚିନ୍ତ ଭାବରେ କାହାମୋହରେ ପଡ଼ିଯାଇଛି ଯେ । ଭଲ...ଖୁଉବ୍ ଭଲ । ଦୁଇପକ୍ଷଙ୍କ ସମସ୍ୟାର ସମୀକ୍ଷା ଓ ତାର ଫଳାଫଳ ଘୋଷଣା ପରେ ବୋଧହୁଏ ସେମାନେ ବାନ୍ଧି ହେଇଯିବେ ଗୋଟିଏ ଡୋରିରେ । କେଜାଣି ମୋ ଧାରଣା କେତେଦୂର ଠିକ୍ ଭାବି ପାରୁନଥିଲି । ତଥାପି ତ ତା ହାବଭାବରୁ ଜଣାପଡୁଥିଲା ବସନ୍ତ ଋତୁର ସ୍ୱାଦ ସେ ପାଇସାରିଛି । ଆକାଶରେ ହସୁଥିବା ଜହ୍ନର କଥା ସେ ଶୁଣିପାରିଛି । ମନର ଦର୍ପଣରେ ବି ଦେଖିପାରୁଛି ଭବିଷ୍ୟତର ଚିକ୍‌ମିକ୍ ଆଲୁଅ । ଯାହା ବି ହେଉ ଲେଖା ରଙ୍ଗଢ଼ଙ୍ଗ ଖୁବ୍ ନିଆରା ଲାଗୁଛି । ଏତେ ଉତ୍‌ଫୁଲିତ ଯେ ସେ ସତେ କି ବର୍ଷ ବର୍ଷ ଧରି ଖୋଜୁଥିବା ବାଟରେ ସେ ଏବେ ଦଣ୍ଡାୟମାନ ।

ତା' ସମ୍ପର୍କରେ ଏତେ ଖୋଳତାଡ଼ କରିବା ପାଇଁ ଆଉ ଇଚ୍ଛା ହେଲାନି । ଯାହା କରୁଛି ସେ କରୁ । ସମ୍ପର୍କରେ ଭଉଣୀ ହେଲେ ବି ଅନ୍ତରଙ୍ଗ ବାନ୍ଧବୀ ଭଳି ଆମେ ଚଳୁଥିଲୁ । ତା ଖୁସୀରେ ମୁଁ ନାଚି ଉଠୁଥିଲି । ମୋ ଦୁଃଖରେ କାନ୍ଦିକାଟି ଅଥୟ ହେଇଯାଉଥିଲା ସେ । ତା ଜୀବନ ପରିଧି ଭିତରକୁ ପ୍ରବେଶ କରିବା ପାଇଁ ଯଦି ସେ ଝହୁଁନି...ମୋର ନା କାହାର କଣ ଯାଏ ଆସେ ଅଛି !

ଅଳ୍ପଦିନ ଥାଏ ଶୁଭ ପରିଣୟର ମଙ୍ଗଳ ତିଥି । ଜୋର୍ ସୋର୍ କାମଦାମ ଝଲିଥାଏ ଘରେ । ମା'ତ ଅଧୀର ଅସ୍ଥିର - ଝିଅ ବାହାଘର ଭଲରେ ସରିଯାଉ । କେହି ଯେମିତି କୋଉଥିରେ ଖୁଣ ନକାଢ଼ନ୍ତୁ । ବିଧି ବିଧାନ ମୁତାବକ ସଂପନ୍ନ ହେଉ ଶୁଭ ମଙ୍ଗଳ କାର୍ଯ୍ୟ । ଏତିକି ହିଁ ତ ତାଙ୍କର ଇଚ୍ଛା । ହେଲେ କାହିଁକି ଯେ ସେ ଏତେ ତରବର, ମୋ ପାଇଁ ଚିର ବନ୍ଧନକୁ ଆମନ୍ତ୍ରି ଆଣିବାରେ ? ସଢ଼ିଯାଉଛି କି ଝିଅ...ଆଉ କିଛି ଦିନ ଅପେକ୍ଷା କରିଥିଲେ ସର୍ବନାଶ ହେଇଯାଇଥାନ୍ତା !

ଯେଝା କାମରେ ଯିଏ ବ୍ୟସ୍ତ ଥାନ୍ତି...।

ହେଲେ ମୋ ଇଚ୍ଛା ଅନିଚ୍ଛାକୁ କେହି ଗୁରୁତ୍ୱ ଦେଲାପରି ମୁଁ ଅନୁଭବ କରିପାରୁ ନଥାଏ । ହୁଏତ ସେମାନଙ୍କର ଯୁକ୍ତି ଥାଏ - ସଂସାରଯାକର ଝିଅ ବାହା ହୁଅନ୍ତି...ଆମ ଝିଅ ବି ବାହାହେବ, ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ଇଏ ତ କିଛି ନୂଆ କଥା ନୁହେଁ ।

ଆସ୍ତେ ଆସ୍ତେ ମୁଁ ଯେମିତି ଘର ପରିବାର ଠୁ ଦୂରେଇ ଯାଉଛି - ସେମିତି ଲାଗୁଥିଲା ମତେ । କେମିତି ମୁଁ ବାପା, ମା, ଭାଇ ଓ ଭଉଣୀଙ୍କୁ ଛାଡ଼ି ଅଜଣା ଜାଗାରେ ଡେରା ପକେଇ ରହିପାରିବି ? ଠିକ୍ ଭାବରେ ସେମାନଙ୍କ ସହିତ ମୁଁ ଛନ୍ଦି ହେଇପାରିବି ତ' ! ଦିନେ ନୁହେଁ ମାସ କି ବର୍ଷ ବି ନୁହେଁ ବରଂ ଏ ରହଣୀ ତ ଯୁଗଯୁଗ ପାଇଁ ।

ଏତେ ସବୁ ଭାବିଲେ ମୋ ଦେହ ଥରି ଉଠେ । ଡରଡର ଭାବରେ ଅନ୍ତ ଦୁହିଁ ହେଇଯାଏ । ଇଚ୍ଛା ହୁଏ ମା'ଙ୍କୁ ଜାକି ପକେଇ କୁହନ୍ତି- ଆଉ କିଛିଦିନ ମୁଁ ତମ ପାଖରେ ରହିବାକୁ ଝହେଁ । ଦୟାକରି ମତେ ଦୂରେଇ ଦିଅନି । ଛୋଟ ପିଲା ଦେବା, କଣ ତମମାନଙ୍କୁ ଦେଖା ଶୁଣା କରିପାରିବ । ଆସ୍ତେ ଆସ୍ତେ ବୟସ ବଢ଼ିବ । ରୋଗ ବେମାରୀ ବଢ଼ିବ ଦିନକୁ ଦିନ । କିଏ ସେତେବେଳେ ତମମାନଙ୍କ ରକ୍ଷଣାବେକ୍ଷଣର ଭାର ନେବ ! ଯୋଜନ ଯ

ବହି ଆଲୋଚନା

ଡକ୍ଟର ସୁଶୀଳ କୁମାର ବାଗଙ୍କ ପ୍ରବନ୍ଧ ପୁସ୍ତକ 'ସନ୍ଥ କବୀର ଓ ସ୍ୱଭାବ କବି ଗଂଗାଧର'

ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

ତୁଳନାତ୍ମକ ତଥା ଅନ୍ତର୍ଦୃଷ୍ଟିମୂଳକ ସମୀକ୍ଷାଦର୍ଶ ପ୍ରତି ଡକ୍ଟର ସୁଶୀଳ କୁମାର ବାଗଙ୍କ ଉନ୍ମୁଖତାକୁ ବେଶ୍ ଅନୁଭବି ହୁଏ । ଡକ୍ଟର ବାଗଙ୍କ ପରି ଜଣେ ଉତ୍ତମ ଗବେଷକଙ୍କ ଲେଖନୀ ସଂପର୍କରେ ପ୍ରଫେସର ଆଦିକନ୍ଦ ସାହୁ ମତରେ ଦେଇ କହନ୍ତି-----

'ଡକ୍ଟର ବାଗଙ୍କ ଗ୍ରହଣଶୀଳତା ରେ ମୁଁ ତାଙ୍କ ଉଭୟ ହୃଦୟ ଓ ମସ୍ତିଷ୍କର କ୍ରିୟାଶୀଳତାକୁ ଲକ୍ଷ୍ୟ କରିପାରିଛି । ସୁଶୀଳଙ୍କ ପରବର୍ତ୍ତୀ ସୃଜନ କର୍ମରେ ତାହା ଅଧିକ ବିସ୍ତୀର୍ଣ୍ଣ ହେବ ବୋଲି ମୁଁ ଆଶା କରେ ।'

--ପ୍ରଫେସର ଆଦିକନ୍ଦ ସାହୁ

ସାଂପ୍ରତିକ ଓଡିଆ ସାହିତ୍ୟ ଜଗତରେ ଡକ୍ଟର ସୁଶୀଳ କୁମାର ବାଗ ଜଣେ ପରିଚିତ ଯୁବ ସାହିତ୍ୟିକ । ଛାତ୍ରାବସ୍ଥାରୁ ପ୍ରବନ୍ଧ, ସମାଲୋଚନା, ଗଳ୍ପ ଓ ଫିଚର ରଚନାରେ ସେ ଅଭିନିବିଷ୍ଟ । ପେଶାରେ ସେ ସାମ୍ବାଦିକ ହେଲେ ନିଶା ତାଙ୍କର ସାହିତ୍ୟ ସାଧନା । ଡକ୍ଟର ବାଗଙ୍କ ରଚିତ 'ନିର୍ମଳ ନିର୍ଝର', 'କବି ବ୍ରଜନାଥ ରଥ : କବି ଓ କବିତା', 'ପଶ୍ଚିମ ଓଡିଶାର ଲୋକ ସଂସ୍କୃତି', 'ସନ୍ଥ କବୀର ଓ ସ୍ୱଭାବ କବି ଗଂଗାଧର' ପ୍ରଭୃତି ପୁସ୍ତକ ବେଶ୍ ପାଠକୀୟ ଆଦୃତି ଲାଭ କରିଛି ।

'ସନ୍ଥ କବୀର ଓ ସ୍ୱଭାବ କବି ଗଂଗାଧର' ପୁସ୍ତକଟି ପ୍ରକୃତି କବି ଗଂଗାଧରଙ୍କ ଅମୃତମୟ ତଥା ବିଶ୍ୱଦୃଷ୍ଟି ସଂପନ୍ନ କବିକର୍ମ ସହିତ ମହାମତି କବୀରଙ୍କ ଜୀବନ ଦର୍ଶନ ଓ ସାହିତ୍ୟାଦର୍ଶର ଏପରି ଏକ ତୁଳନାତ୍ମକ ଆତ୍ମିକ ଅଧ୍ୟୟନ ଯାହାକି ଆମ ସମୀକ୍ଷା ଧାରାରେ ଏକାନ୍ତ ଉଲ୍ଲେଖଯୋଗ୍ୟ ।

ସ୍ୱୟଂ ଲେଖକ ଡକ୍ଟର ବାଗ ଏ ତୁଳନାତ୍ମକ ଲେଖନୀ ସଂପର୍କରେ କହନ୍ତି----'ଗଂଗାଧରଙ୍କ ଅମର ସାହିତ୍ୟକୃତି ସଂପର୍କରେ ଚିନ୍ତା କରିବାବେଳେ ଭାରତ ବର୍ଷର ମହାନ୍ ସାଧକ ସନ୍ଥ କବୀର ଦାସଙ୍କ ଜୀବନ ଓ ସାହିତ୍ୟ ହୃଦୟକୁ ଅଭିଭୂତ କରିଦିଏ । ବାସ୍ତବରେ କବୀରଙ୍କ ଜୀବନ ଓ କୃତି ସହିତ ଗଂଗାଧରଙ୍କ ଜୀବନ ଓ ସାହିତ୍ୟର ସାମଞ୍ଜସ୍ୟ ଅପୂର୍ବ ।' ଉଭୟ ସ୍ରଷ୍ଟାଙ୍କ ମଣିଷ ଜୀବନ ସଂପର୍କୀୟ ମହନୀୟ ଅନୁଭବ ହିଁ ପାଠକ ଆତ୍ମାକୁ ଆଲୋକିତ କରିପାରିଛି ।

ଆଲୋଚ୍ୟ ପୁସ୍ତକର ପ୍ରଥମ ପ୍ରସଂଗ ହେଉଛି 'ସନ୍ଥ କବୀର ଓ ସ୍ୱଭାବ କବି ଗଂଗାଧରଙ୍କ ଜୀବନାଲୋକ' । ଉଭୟ କବିଙ୍କ ଜୀବନରେ ଯେଉଁ ଅଭୂତପୂର୍ବ ସାମଞ୍ଜସ୍ୟ ବିଦ୍ୟମାନ ତାହାହିଁ ଏଠାରେ ଆଲୋଚନାର ପ୍ରମୁଖ ବିଷୟ ହୋଇଛି । ଦ୍ୱିତୀୟ ଅଧ୍ୟାୟରେ 'କବୀର ଓ ଗଂଗାଧରଙ୍କ ସାହିତ୍ୟରେ ଜୀବନ ଦର୍ଶନ' ପ୍ରସଂଗ ଆଲୋଚିତ ହୋଇଛି । ଏଥିରେ ଉଭୟ କବିଙ୍କ ସାହିତ୍ୟରେ ପବିତ୍ର ପ୍ରେମ, ଈଶ୍ୱର ଭକ୍ତି, ଆଶା ଓ ବିଶ୍ୱାସ, କ୍ଷମା, ପରୋପକାର, ଗୁରୁ ଓ ଶିଷ୍ୟ, ଧୈର୍ଯ୍ୟ , ବିନମ୍ରତା, ସଜ୍ଜନ, ବିଚାର ଓ ବିବେକ ସଂପର୍କରେ ଚର୍ଚ୍ଚା କରାଯାଇଛି। ଏହି ବିଷୟ ଗୁଡିକ ମଣିଷ ଜୀବନକୁ ମହିମାନ୍ୱିତ କରିଦେବାରେ କିପରି ବଳିଷ୍ଠ ଭୂମିକା ନେଇଛନ୍ତି ତାହା ହିଁ ଏହି ଆଲୋଚନାରେ ପ୍ରତିପନ୍ନ ହୋଇଛି ।

ଆହୁରି ମଧ୍ୟ ଏଥିରେ କବୀର ଓ



ଗଂଗାଧର ମେହେରଙ୍କ ସାହିତ୍ୟରେ ବର୍ଣ୍ଣିତ ମଣିଷ ଜୀବନର ଅନ୍ଧାରୀ ପଥ ଗୁଡିକ ସଂପର୍କରେ ବି ଆଲୋଚନା କରାଯାଇଛି । ଜୀବନର ଅନ୍ଧକାର ଦିଗ ମଣିଷକୁ କିପରି ସଂକୁଚିତ ଓ ବିପର୍ଯ୍ୟସ୍ତ କରେ ସେ ସଂପର୍କରେ ମଧ୍ୟ ଏଥିରେ ଚେତାବନୀ ରହିଛି ।

ଗଂଗାଧର ଓ କବୀରଙ୍କ ଜୀବନୋପଲବ୍ଧି ଓ ସାହିତ୍ୟୋପଲବ୍ଧି ମଧ୍ୟରେ ଯେଉଁ ଅଭିନ୍ନତା ପରିଲକ୍ଷିତ ହୁଏ ତାହା ପ୍ରକୃତରେ ଆଶ୍ଚର୍ଯ୍ୟଜନକ ବୋଲି ପ୍ରାବନ୍ଧିକ ଡକ୍ଟର ବାଗ ମତପୋଷଣ କରିଛନ୍ତି । ତାଙ୍କ ଭାଷାରେ----

'ଉଭୟ ସ୍ରଷ୍ଟାଙ୍କ ଜୀବନାଦର୍ଶ ଓ ସାହିତ୍ୟାଦର୍ଶରେ କୌଣସି ପାର୍ଥକ୍ୟ ନଥିଲା । ସେମାନଙ୍କ ପାଇଁ ସାହିତ୍ୟ ପ୍ରତିଷ୍ଠା ଅର୍ଜନର ଏକ ମାଧ୍ୟମ ମାତ୍ର ନୁହେଁ । ଏକ ଫେସନ ନୁହେଁ । ମଣିଷକୁ ଉତ୍ତରିତ କରିନେବାର ଏକ ମହତ ପ୍ରୟାସ ତାହା । ତେଣୁ ଆଦର୍ଶ ଜୀବନର ଅଭିବ୍ୟକ୍ତି ହିଁ ଉଭୟ କବିଙ୍କ ସାହିତ୍ୟର ମୂଳ କଥା । ଉଭୟଙ୍କ କାବ୍ୟକବିତାରେ ମାନବପ୍ରେମର ପବିତ୍ରତା, ଈଶ୍ୱର ଭକ୍ତିର ମହନୀୟତା, ଆଶା ଓ ବିଶ୍ୱାସର ଅନନ୍ୟ ଉପଲବ୍ଧି, କ୍ଷମାର ଅପୂର୍ବ ଆଲୋକ, ପରୋପକାର ଭାବର ଉଜ୍ଜଳ କିରଣ ଯେପରି ପ୍ରକାଶିତ ହୋଇଛି ସେହିପରି ଗୁରୁ ଶିଷ୍ୟ ସଂପର୍କର ପବିତ୍ରତା, ଧୈର୍ଯ୍ୟର ଅକଳନ୍ତି ଶକ୍ତି, ବିନମ୍ର ଭାବର ମାଧୁର୍ଯ୍ୟ ସହିତ ସଜ୍ଜନଙ୍କ ଜୀବନର ଦ୍ୟୁତି ଅତ୍ୟନ୍ତ ସାର୍ଥକ ଭାବରେ ରୂପ ଲାଭ କରିଛି ।' (ଡକ୍ଟର ସୁଶୀଳ କୁମାର ବାଗ)

ପ୍ରାବନ୍ଧିକ ଡକ୍ଟର ବାଗଙ୍କ ଗଭୀର ମନନଶୀଳତାର ପରିଚାୟକ ହେଉଛି ଆଲୋଚ୍ୟ ପ୍ରବନ୍ଧ ପୁସ୍ତକ । ସାହିତ୍ୟ ପ୍ରତି ତାଙ୍କ ଶ୍ରଦ୍ଧାନ୍ୱିତ ଅନୁରାଗ ଏ ପୁସ୍ତକ ସହ ଅନ୍ୟାନ୍ୟ ପୁସ୍ତକ ଗୁଡିକୁ କରିଛି ଅଧିକ ମାର୍ମିକ ଓ ପରିବ୍ୟାପ୍ତ । ଉକ୍ତ ଗ୍ରନ୍ଥଟି ସେଇ ମାର୍ମିକତାର ଏକ ନମୁନା ମାତ୍ର ଏଥିରେ ଆଦୌ ସଂଦେହ ନାହିଁ ।

♥ ଓଡିଆ ଅଧ୍ୟାପିକା
ସରକାରୀ ଏସ୍ ଏସ୍ ଡି ଏଚ୍ ଏସ୍ ଏସ୍, ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ, ବାଲିଶଙ୍କରା, ସୁନ୍ଦରଗଡ ।

ମାଟି ଗୀତ

(ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୧୧

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।

ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ଗଛ ଅଗିଲାରୁ ଖସିପଡ଼େ ଜହ୍ନ
ତୀରବିଦ୍ଧ ହଂସ ପରି
ଦୟା ଦରଦର ଡେଙ୍ଗ ଛିଣ୍ଡା ପତ୍ର
ଆକାଶରୁ ପଡ଼େ ଝରି । ୧୦୧ ।

ନମ୍ର ଏକ ନଈ କମନୀୟ ଧାର
ଅମୃତ ବିନ୍ଦୁ ପରଶେ
ତା' ସ୍ନେହ ବଳୟେ ଗାଆଁଟି ଆମର
ପାରିଜାତ ଭଳି ବାସେ । ୧୦୨ ।

କଦମ୍ବର ଛାଇ ସବୁଜ ପାହାଡ଼
ହୁରୁଡ଼ା ପକ୍ଷୀଙ୍କ ଗୀତ
ଧାନ ବିଲ ଦିଶେ ସୁନା କ୍ଷେତ ପରି
ବାହୁଡୁଥାଏ ରଉତ । ୧୦୩ ।

ଫୁଲ ସୁରଭିରେ ପଖଳା ତା' ଆତ୍ମା
ଫୁଲ ଭର୍ତ୍ତି ତା'ର ଝୋଟି
ଚୁମ୍ବନ ଠାରୁ ଆହୁରି ଉଷୁମ
ଆମ ଗାଁ' ବିଲମାଟି । ୧୦୪ ।

ଅପାସୋରା ଯେଉଁ ଦାଗ ଦେଇଥିଲା
କଣ୍ଟେଇ କୋଳିର ଲଟା
ଏଡିକି ଲାଜେଇ ଜାବୁଡ଼ି ଧରିବି
ଜମ୍ମା କହେ ନାହିଁ କଥା । ୧୦୫ ।

ନୂଆଁଣିଆ ଧାଡ଼ି ଚାଳିଆ ଭିତରେ
ଚେମାଅଜା ଖାକି ଫିକା
ମାଟିଆ କାନ୍ଥରେ ଗୁରୁବାରୀ ମାଆ
ଭଳି ଭଳି ଚିତା ଅଙ୍କା । ୧୦୬ ।

ଝିଙ୍କା ଚୁଲୀର ମାଟି ଆଟିକାରେ
ମଝିଆ ମାଁ ମୁଡ଼ିଭାଡ଼ି
ଗଣିତ ବହିରେ ପୂରବୀ ଦାସର
ହାତ ଚିଠି ଲମ୍ବାଧାଡ଼ି । ୧୦୭ ।

ତପସ୍ୟାରେ ମଗ୍ନ ବୁଢ଼ା ବରଗଛ
ଗାଈଆଳ ଟୋକା ବଂଶୀ
ସେ ସ୍ୱନ ଶୁଣିଲେ ଆମ ଗାଁ ଲାଗେ
ସତେ ଅବା ବନହଂସୀ ! । ୧୦୮ ।

ସନା ବନା କୁନା ଭଗିଆ ମାଧୁଆ
ଶୁକୁଟା କୁନି ହଗୁରୀ
ବଉଳ ଗଛର ଗହଳ ଛାଇରେ
ଅଭିନବ ବହୂଚୋରି । ୧୦୯ ।

ଗେରସ୍ତ ସୁମରି ଗୁମରି ଗୁମରି
ବିଧବା ମାଇପ କାନ୍ଦ
ମଥା ପିଟି ଯେବେ ନେହୁରା ହେଲେବି
କପାଳ ଛୁଏଁନା ଚାନ୍ଦ । ୧୧୦ । (କ୍ରମଶଃ)

କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'

ବମ୍ ଫୁଲ୍ ବୁଖାରା

୨୪

ଦୀପକ ରଂଜନ ମିଶ୍ର

॥ ଭାଇ ପରମାନନ୍ଦ-୨ ॥

ଗଦର କ୍ରାନ୍ତିର ଅଭିଯୁକ୍ତମାନଙ୍କ ମଧ୍ୟରୁ ୨୪ ଜଣଙ୍କୁ ଲାହୋରର ସେଣ୍ଟ୍ରାଲ୍ ଜେଲ୍‌ରେ ଫାଶୀ ଦେବାପାଇଁ ରଖା ହୋଇଥାଏ । ସେମାନଙ୍କ ମନରେ ନଥାଏ ତିଳେ ହେଲେ ଦୁଃଖ । ହସଖୁସିରେ ସେମାନେ ଦିନ କାଟୁଥାନ୍ତି । ରାତି ଅଧଯାଏ ଗପାଗପି କରିବା, ହୋ ହୋ ହୋଇ ହସିବା ସହ ବେଳେ ବେଳେ ଦେଶଭକ୍ତିର ଗୀତ ଗାଆନ୍ତି ସାଥୀହୋଇ । ଦିନ କେଇଟାରେ ଫାଶୀ ପାଇବାକୁ ଯାଉଥିବା ବନ୍ଦୀମାନଙ୍କ ଏଭଳି ମଉଜ ମସ୍ତିରେ ସମୟ ଅତିବାହିତ କରିବା ଦେଖି ଅନ୍ୟମାନେ ଆଶ୍ଚର୍ଯ୍ୟ ହୋଇ ବେଳେ ବେଳେ ପଚାରନ୍ତି ତାଙ୍କୁ ଦୁଃଖ ଲାଗୁନାହିଁ କି ବୋଲି । ସେମାନଙ୍କର ଉତ୍ତର ଥାଏ - "ମର୍ଗେ ଅମ୍ୟୋହ ଜଶ୍ନେ ଦାରଦ୍" ଅର୍ଥାତ୍ ସମସ୍ତେ ସାଥୀ ହୋଇ ମରିବୁ ତ ବହୁତ୍ ମଜା ଲାଗିବ । ଏଭଳି ଥିଲେ ଆମେରିକାରୁ ନିଜ ମାତୃଭୂମିକୁ ସ୍ୱାଧୀନ କରିବାର ଉଦ୍ଦେଶ୍ୟ ନେଇ ଆସିଥିବା ଗଦର ପାର୍ଟିର ସଦସ୍ୟମାନେ । ତାଙ୍କ ଭିତରେ ଦେଶପ୍ରେମ ଖୁନ୍ଦି ହୋଇ ରହିଥିବା ବେଳେ ସେମାନେ ସର୍ବଦା ଆତ୍ମୋତ୍ସର୍ଗ ପାଇଁ ପ୍ରସ୍ତୁତ ହୋଇ ରହୁଥାନ୍ତି । ଦଣ୍ଡ ଶୁଣାଣି ହୋଇଯାଇଥାଏ ସିନା ହେଲେ ତାରିଖ ନିଶ୍ଚିତ ହୋଇ ନଥାଏ । ଯେକୌଣସି ଦିନ ସେମାନଙ୍କୁ ଫାଶୀ ଦିଆଯାଇପାରେ ଭାବି ବଡ଼ି ଭୋରରୁ ଅଭିଯୁକ୍ତମାନେ ଗାଧୋଇ ପାଧୋଇ ପୂଜାପାଠ ସାରି ପ୍ରସ୍ତୁତ ହୋଇ ରହୁଥାନ୍ତି । ସିପାହୀମାନେ ନେବାକୁ ନଆସିଲେ ଆୟୁଷ ବଢ଼ିଯାଏ ଗୋଟେ ଦିନ । ପୁଣି ତା' ପରଦିନ ଭୋର ସକାଳକୁ ଅପେକ୍ଷା । ହଠାତ୍ ଦିନେ ସେମାନଙ୍କ ଭିତରୁ ୧୭ ଜଣଙ୍କୁ ଅନ୍ୟ ଗୋଟିଏ କୋଠରୀକୁ ସ୍ଥାନାନ୍ତରିତ କରିଦିଆଯାଏ । କଥା କ'ଣ ବୁଝିଲା ବେଳକୁ ତାଙ୍କ ଦଣ୍ଡ ବଦଳି ଆଜୀବନ କାରାବାସ ହୋଇଯାଇଛି । ଭାରି ଦୁଃଖ ହୁଏ ମନରେ । ଶୀଘ୍ର ମରିଥିଲେ ସିନା ପୁଣି ଜନ୍ମ ହୋଇ ଦେଶ ପାଇଁ ଲଢ଼େଇ କରିପାରିଥାନ୍ତେ । ଏବେ କଳାପାଣିର କାଳ କୋଠରୀରେ ସଢ଼ିବାକୁ ପଡ଼ିବ ଦୀର୍ଘ କୋଡ଼ିଏ ବର୍ଷ । ଫାଶୀ ଖୁଣ୍ଟରେ ଝୁଲିବା ଦଳରେ କରତାରସିଂହ ସରାଭା ଥିଲାବେଳେ ଆଜୀବନ କାରାଦଣ୍ଡ ପାଇବା ଦଳରେ ଥାଆନ୍ତି ଭାଇ ପରମାନନ୍ଦ ।

କିଛିଦିନ ସେଣ୍ଟ୍ରାଲ୍ ଜେଲ୍‌ରେ ରହିବା ପରେ ହଠାତ୍ ଦିନେ ସେମାନଙ୍କ ଗୋଡ଼ରେ ବେଡ଼ି ତଥା ଦୁଇ ଦୁଇ ଜଣଙ୍କୁ ଗୋଟେ ଲେଖା ହାତକଡ଼ି ପିନ୍ଧାଇ ଚଲେଇ ଚଲେଇ ନିଆଯାଏ ରେଳଷ୍ଟେସନ୍‌କୁ । ପୋଲିସ୍‌ମାନେ ଛାଇଁ ରହିଥାନ୍ତି ପ୍ଲାଟଫର୍ମରେ । ଗୋଟେ ଡବା ଭିତରେ ସେମାନଙ୍କୁ ସମସ୍ତଙ୍କୁ ପୂରେଇ ଦିଆଯାଏ । ଲାହୋରରୁ କଲିକତା ପହଞ୍ଚିବା ପାଇଁ ଲାଗେ ତିନିଦିନ । ଗୋଟେ ହାତକଡ଼ି ଦୁଇଜଣଙ୍କୁ ପିନ୍ଧା ହୋଇଥିବାରୁ ଯାତ୍ରାକାଳରେ ଭାରି ଅସୁବିଧା ହୁଏ । ଜଣେ ଶୌଚ ପାଇଁ ଗଲେ ଆରଜଣକୁ ବି ତା ସାଥିରେ ଯିବାକୁ ପଡ଼େ । ଶୋଇବା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ବସି ବସି ହିଁ କଟେ ସବୁ ସମୟ । ଟ୍ରେନ୍ କଲିକତାରେ ପହଞ୍ଚିବାରୁ ସେମାନଙ୍କୁ ଗୋଟେ ଗାଡ଼ିରେ ବସାଇ ପ୍ରେସିଡେନ୍ସି ଜେଲ୍‌କୁ ନିଆଯାଏ । କଳାପାଣି ଯିବାପାଇଁ ଅପେକ୍ଷା କରିଥିବା କଏଦୀମାନଙ୍କୁ ସେଠାରେ ଗୋଟିଏ ସ୍ୱତନ୍ତ୍ର ବିଭାଗରେ ରଖା ଯାଉଥାଏ । ଏମାନଙ୍କୁ ବି ତାଙ୍କ ସହିତ ରହିବାକୁ ପଡ଼େ । ଖୁନୀ, ଚୋର, ଡକାୟତ, ବଦମାସଙ୍କ ସହ ଦେଶପ୍ରେମୀ କ୍ରାନ୍ତିକାରୀମାନେ ବି ରହନ୍ତି ଗୋଟେ ଛାତତଳେ । ଭାଇ ପରମାନନ୍ଦଙ୍କୁ ଲାଗେ ଯେମିତି ସ୍ୱର୍ଗକୁ ଯାଉଥିବା ସିଢ଼ିରୁ ତାଙ୍କୁ ଠେଲି ତଳକୁ ପକାଇ ଦିଆହୋଇଛି ଆଉ ସେମାନେ ନର୍କର ଦ୍ୱାରଦେଶରେ ପ୍ରବେଶ ପାଇଁ ଅପେକ୍ଷା କରି ଠିଆ ହୋଇଛନ୍ତି ।

'ମହାରାଜା' ନାମକ ଜାହାଜ ପ୍ରତିବର୍ଷ କଲିକତା, ମାଡ୍ରାସ୍ ତଥା ରେଙ୍ଗୁନ୍‌ରୁ ବନ୍ଦୀମାନଙ୍କୁ ନେଇ ୯ ଥର ଯାଉଥିଲା ଆଣ୍ଡାମାନ । ପ୍ରତି ସହର ଭାଗରେ ପଡ଼େ ତିନିଥର । ଦେଶର ବିଭିନ୍ନ ଅଞ୍ଚଳରୁ କଳାପାଣି ଦଣ୍ଡରେ ଦଣ୍ଡିତ କଏଦୀମାନଙ୍କୁ ଆଣି ଏଇ ତିନୋଟିର ସହରର ଜେଲ୍‌ରେ ରଖା ହେଉଥିଲା । ଜାହାଜ ଆସିଲେ ଚାଲାଣ ଯିବ । ଭାଇ ପରମାନନ୍ଦଙ୍କ ଦଳକୁ ଅଧିକ ଦିନ ଅପେକ୍ଷା କରିବାକୁ ପଡ଼େନି । ପନ୍ଦରଦିନ ଭିତରେ 'ମହାରାଜା' ଆସି ପହଞ୍ଚିଯାଏ । ପ୍ରାୟ ୧୦୦ ଜଣ କଏଦୀଙ୍କୁ ଜେଲ୍‌ରୁ ବାହାର କରି ତିନିମାଇଲ ଚଲେଇ ଚଲେଇ ନେଇ ଜାହାଜରେ ଚଢ଼େଇ ଦିଆଯାଏ । ଏମାନଙ୍କ ଦଳରେ ତିନି ଚାରିଜଣ ସ୍ତ୍ରୀଲୋକ ବି ଥାଆନ୍ତି । କେତେଜଣଙ୍କୁ ଜାହାଜର ଉପରମହଲାକୁ ନିଆଯିବା ବେଳେ ଆଉ କେତେଜଣଙ୍କୁ ଜାହାଜର ତଳ ମହଲାକୁ ନିଆଯାଏ । ଅତି ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କୁ ଲୁହାର ପିଞ୍ଜରା ଭିତରେ ବନ୍ଦ କରି ରଖାହୋଇଥାଏ । କଲିକତାରୁ ଆଣ୍ଡାମାନକୁ ଲାଗେ ତିନିଦିନ । ବାଟରେ ସେମାନଙ୍କୁ ଚୁଡ଼ା, ଚଣାଭଜା ଓ ଗୁଡ଼ ଖାଇବାକୁ ଦିଆଯାଏ । ଚତୁର୍ଥଦିନ ସକାଳୁ ଆଣ୍ଡାମାନର ଉପକୂଳ ଦୃଶ୍ୟମାନ ହୁଏ । ଜାହାଜ ଯାଇ କୂଳରେ ଲାଗିବାରୁ ବନ୍ଦୀମାନେ ଧାଡ଼ିବାନ୍ଧି ତଳକୁ ଓହ୍ଲାନ୍ତି । ଶକ୍ତ ପୋଲିସ୍ ପହରାରେ ସେମାନଙ୍କୁ ନେଇ ସେଲ୍ୟୁଲାର ଜେଲ୍ ଭିତରେ ଜେଲର୍‌ଙ୍କ ସମ୍ମୁଖରେ ହାଜିର୍ କରାଯାଏ । ୨୫ ବର୍ଷରୁ ଅଧିକ ସମୟ ଦିନରାତି ଦୁର୍ଦ୍ଦାନ୍ତ କଏଦୀଙ୍କ ସହ ରହି ରହି ଜେଲର୍‌ଙ୍କ ସ୍ୱଭାବ ବି ସେଇମାନଙ୍କ ଭଳି ହୋଇଯାଇଥାଏ । ଜେଲ୍ ବିଷୟରେ ବିଭିନ୍ନ ସୂଚନା ଦେବା ସହ ସେଠିକାର ନିୟମ ମାନି ଚଳିବାକୁ ତାଗିଦ୍ କରି ସମସ୍ତଙ୍କୁ ନେଇ ଗୋଟିଏ ଗୋଟିଏ କୋଠରୀରେ ବନ୍ଦ କରିଦିଆଯାଏ । ସେଇ ଜେଲର୍, ବାରୀ ସାହେବ୍ ଥିଲେ ଜେଲ୍‌ର ସର୍ବେସର୍ବା । ତାଙ୍କୁ ସମସ୍ତେ ସେଠି 'ଜେଲ୍ ର ପରମେଶ୍ୱର' ବୋଲି କହୁଥାନ୍ତି ।

କଏଦୀମାନଙ୍କ ଭିତରୁ ବାଛି ବାଛି କେତେଜଣଙ୍କୁ ଅନ୍ୟମାନଙ୍କୁ ଜଗିବାର ଦାୟିତ୍ୱ ଦିଆଯାଉଥାଏ । ସେମାନେ ଲାଲ୍-କଳା ପୋଷାକ ପିନ୍ଧି କାମକୁ ଅସନ୍ତି । ତାଙ୍କୁ 'ଟଣ୍ଡିଲ୍' କୁହାଯାଏ । ତାଙ୍କ ଉପର ପାହ୍ୟାରେ କାମ କରୁଥିବା କଏଦୀଙ୍କ ପୋଷାକ ଥାଏ କଳା ରଙ୍ଗର । ଏମାନେ ସବୁ ସାଧାରଣ କଏଦୀଙ୍କ ଉପରେ ଖୁବ୍ ହାକିମାତି ଦେଖାନ୍ତି । ବେଳ ଅବେଳରେ ଗାଳି ଦେବା, କିଛି କାରଣ ନଥାଇ ବି ଦୁଇ ଚାରି ଚଟକଣି ବସେଇବା, ଟିକିଏ କିଛି କଥାରେ ଅମାନ୍ୟ ହେଲେ ସିଧା ଜେଲର୍‌ଙ୍କ ଆଗରେ ତାକୁ ନେଇ ଛିଡ଼ା କରେଇବା ଥାଏ ସେମାନଙ୍କ ନିତିଦିନିଆ କାମ । ଅଧିକାଂଶ ମୁସଲମାନ କଏଦୀଙ୍କୁ ଏଇ ଦାୟିତ୍ୱ ଦିଆଯାଇଥାଏ । ଜେଲ୍ ଭିତରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାର ଭାର ଥାଏ ଏମାନଙ୍କ ଉପରେ । କଏଦୀମାନଙ୍କୁ ଗୋଟେ ଟୋପି, ଜାଙ୍ଗିଆ ଓ ବିନା ହାତବାଲା ଛୋଟ କୁର୍ତ୍ତା ପିନ୍ଧିବାକୁ ଦିଆଯାଉଥିଲା । ତା' ସହିତ ଅତି ଛୋଟ ଜାଙ୍ଗିଆଟିଏ ଦିଆହୁଏ, ଅନ୍ୟ ସବୁ ଖୋଲି ତାକୁ ପିନ୍ଧି କାମ କରିବା ପାଇଁ । ପ୍ରତି ଅଗଣାରେ ଲମ୍ବା ଲମ୍ବା ପାଣିଟାଙ୍କି ଥାଏ ଯେଉଁଥିରେ ସମୁଦ୍ରର ଲୁଣିପାଣି ଆଣି ରଖାଯାଇଥାଏ । ବନ୍ଦୀମାନେ କାମ ସାରିବା ପରେ ସେଇ ପାଣିରେ ଗାଧୋଇ କିମ୍ବା ମୁହଁହାତ ଧୋଇ ସେମାନଙ୍କ ପୋଷାକ ପିନ୍ଧି ଆପଣା କୋଠରୀକୁ ଯାଆନ୍ତି । ସେଠିକାର ଜୀବନ ଥାଏ ଖୁବ୍ ଯନ୍ତ୍ରଣାପୂର୍ଣ୍ଣ । ବଡ଼ି ଭୋର୍‌ରୁ ସମସ୍ତଙ୍କୁ ଉଠାଇବା ପାଇଁ ଘଣ୍ଟା ବାଜେ । କିଛି ସମୟ ପରେ ଟଣ୍ଡିଲ୍ ଓ ପେଟି ଅଫିସରମାନେ ଆସି ପ୍ରତ୍ୟେକଙ୍କ କୋଠରୀର ଦ୍ୱାର ଖୋଲି ଦେବାରୁ ବାହାରେ ଥିବା ବାରଣ୍ଡାରେ ସମସ୍ତେ ଧାଡ଼ି ହୋଇ ବସିଯାଆନ୍ତି । ସେମାନଙ୍କର ଗଣତି ହେଲାପରେ ଗୋଟି ଗୋଟି କରି ସେମାନଙ୍କୁ ଛଡ଼ାହୁଏ ଅଗଣାରେ ଥିବା ଶୌଚାଳୟକୁ । ପୁଣି ସେମାନଙ୍କୁ ପଂକ୍ତିରେ ବସାଇ 'ଗଂଜି' ପିଇବାକୁ ଦିଆହୁଏ ଯାହା ଥାଏ ପତଳା ପେଜ ପରି କିଛି ପାନୀୟ । ତା'ପରେ ସେମାନେ କାର୍ଯ୍ୟରେ ଲାଗିପଡ଼ନ୍ତି । ପରମାନନ୍ଦଙ୍କ ରୁଟିନ୍ କିନ୍ତୁ ସମସ୍ତଙ୍କ ଠୁଁ ଥାଏ ଭିନ୍ନ । ସେ ବଡ଼ିଭୋର୍‌ରୁ ଘଣ୍ଟା ବାଜିବା ପୂର୍ବରୁ ଉଠି କୋଠରୀ ଭିତରେ ପରିସ୍ରା କରିବାକୁ ଦିଆ ହୋଇଥିବା ଛୋଟ ମାଟିପାତ୍ରରେ ଅତି ସାବଧାନତାର ସହ ଶୌଚକର୍ମ ସାରି ଯୋଗ ତଥା ପ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୨ ମଇ, ୨୦୨୨

ରବିବାର କବିତା

ସାପ୍ତାହିକ କ୍ରୋଡ଼ପତ୍ର

ସ୍ମୃତିଶତଦଳ ୨୪୨



ବଡ କରୁଣ ସେ' ନିର୍ଯ୍ୟାତନାର ସ୍ୱର

ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ନାରୀଟିଏ ତା' ଜୀବନରେ ସାଧନାର ଉତ୍କର୍ଷତମ ଶିଖର ଆରୋହଣ କଲେ ମଧ୍ୟ, ସମାଜରେ ଏବେ ଯାଏଁ କମିନାହିଁ ତା' ପାଇଁ ଉତ୍ପୀଡନର ସୀମାରେଖା । ବାକ୍ ବିତଣ୍ଡା, ବାକ୍ୟ ବିନିମୟ ତ' ଦୂରର କଥା ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ତଥା ଉଚ୍ଚ ଶିକ୍ଷିତମାନଙ୍କ ଘରେ ମଧ୍ୟ ଦାମ୍ପତ୍ୟ କଳହ ସହ ବେଲଣା ପେଡି, ବେଲଣା କାଠି ଏବଂ ଅନ୍ୟାନ୍ୟ ଜିନିଷ ତକ କଥା କହେ । ତେବେ ସବୁଠାରୁ ବଡ ଜିନିଷ ସ୍ୱାମୀର ହାତ କାମ କରିବା ଛାଡି ଯେତେବେଳେ କଥା କହିବା ଆରମ୍ଭ କରିଦିଏ ସେତେବେଳେ ସ୍ତ୍ରୀମାନେ ନ୍ୟୁନରୁ ଆହୁରି ନ୍ୟୁନତମ ହୋଇଯାଆନ୍ତି । ବର୍ତ୍ତମାନ ପୁରୁଷ ସାଙ୍ଗରେ ହାତ ମିଳାଇ, ପାଦ ମିଳାଇ, କାନ୍ଧ ମିଳାଇ ପାଠ ଠାରୁ ଆରମ୍ଭ କରି କର୍ମ୍ମ କ୍ଷେତ୍ର ଯାଏଁ ସବୁଥିରେ ଆଗୁଆ ହୋଇ ମଧ୍ୟ ନାରୀ ନିର୍ଯ୍ୟାତନାର ଶେଷ କାହିଁ ? ଏମିତିକି ଏଥିରୁ ବାଦ୍ ପଡୁ ନାହିଁ ଗର୍ଭସ୍ଥ ଶିଶୁ ଭ୍ରୁଣ, ଶିଶୁ କନ୍ୟା, କିଶୋରୀ କନ୍ୟା, ଯୁବତୀ, ପତ୍ନୀ ତଥା ମା'ମାନେ । ଜନ୍ମ ଠାରୁ ଜୀବନ ର ଶେଷ ମୁହୂର୍ତ୍ତ ଯାଏଁ ନିର୍ଯ୍ୟାତନା ଜାରି ରହିଛି । ଏବେ ମଧ୍ୟ ଗଣମାଧ୍ୟମରୁ ଏକଥା ଜାଣି ଆମେ ବିସ୍ମିତ ହେବା ଯେ, ଶତକଡା ୩୦ ପ୍ରତିଶତରୁ ଉର୍ଦ୍ଧ୍ୱ ପୁରୁଷ ତାଙ୍କର ଆଗାମୀ ଶିଶୁ ପୁଅ ହେଉ ବୋଲି ଚାହାନ୍ତି ମାତ୍ର ୨.୩ ପ୍ରତିଶତ ଝିଅଟିଏ ଚାହାନ୍ତି । ସେମିତି ପ୍ରଶ୍ନୋତ୍ତର ମାଧ୍ୟମରେ ଅନେକେ ପ୍ରକାଶ କରନ୍ତି ଯେ, ମାନସିକ ଚାପ ହେଉ, ଶାରୀରିକ ଚାପ ହେଉ ବା' ଆର୍ଥିକ ଚାପ ହେଉ ସବୁ ସ୍ଥିତି ରେ ସେମାନେ ନିଜ ପତ୍ନୀ ମାନଙ୍କୁ ହାତ ଉଠାଇବାକୁ ସଂକୋଚବୋଧ କରନ୍ତି ନାହିଁ । କିଏ ଯୌତୁକ ପାଇଁ ହେଉ ତ ଆଉ କିଏ ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ ପାଇଁ ହେଉ ତ' ଆଉ କିଏ ପତ୍ନୀ ର ଚରିତ୍ର ଉପରେ ସନ୍ଦେହ କରି ହାତ ଉଠାଇଥାନ୍ତି ଯାହା ସମାଜରେ ଅତିରିକ୍ତ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଥାଏ । ଏଗୁଡିକ ଲେଖିବାର ପ୍ରଥମ ଏବଂ ପ୍ରଧାନ କାରଣ ହେଉଛି ଜଣେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ହିସାବରେ ଅନକ ମହିଳା ରୋଗୀଙ୍କୁ ଦୁଃଖ, କଷ୍ଟ, କ୍ଳେଶ ପୀଡାରେ ଆକୁଳ ହୋଇ ଥିବାର ଦେଖିଛି ଏବଂ ସେମାନଙ୍କୁ ଚିକିତ୍ସା କରିଛି । ଆଗରୁ କହିଛି ଦେହ ପୀଡା, ରୋଗ, ଯନ୍ତ୍ରଣା ଓ ମାନସିକ କ୍ଳେଶ ନ ହେଲେ କେହି ଡାକ୍ତର ପାଖକୁ ଆସନ୍ତି ନାହିଁ । କିନ୍ତୁ ତା' ସହ ଲକ୍ଷ୍ୟ କରିଛି ଗୋଟିଏ ମହିଳାର ଚିକିତ୍ସା କଲାବେଳେ ଅନ୍ୟମାନଙ୍କର ରୁଗ୍ଣ ମାନସିକ ତ' ଯାହା ମତେ ବ୍ୟାକୁଳ କରିଛି ।

ଦିନେ କ୍ଲିନିକରେ ବସି ରୋଗୀ ଦେଖିବା ବେଳେ ଗୋଟିଏ ୪୦ ବର୍ଷର ମହିଳାଙ୍କୁ ତାଙ୍କ ସ୍ୱାମୀ ପ୍ରାୟ ଟେକି ଟେକି ଆଣି ମୋ ଆଗରେ ତଳେ ଚଟାଣରେ ବସାଇ ଦେଲେ, କାରଣ ସେ ଆଉ ଚାଲି ପାରିଲେନି କି ତାଙ୍କ ସ୍ୱାମୀ ତାଙ୍କୁ ଟେକି ପାରିଲେନି । ମୁଁ ତାଙ୍କୁ କୌଣସି ମତେ ଟେକି ଟାକି ହ୍ୱିଲ ଚେୟାରରେ ବସାଇଲି ଏବଂ ପରୀକ୍ଷା ପରେ ଜାଣି ପାରିଲି ରୋଗିଣୀ ଜଣକ ଖୁବ୍ ଦୁର୍ବଳ ହୋଇ ପଡିଛନ୍ତି ଏବଂ ତାଙ୍କର ଜାରାୟୁରେ ଗୋଟିଏ ବହୁତ ବଡ ଟ୍ୟୁମର ହୋଇଛି । ପରୀକ୍ଷା କଲା ପରେ ତାଙ୍କ ସ୍ୱାମୀଙ୍କୁ ପଚାରିଲି କେବେଠାରୁ ଏମିତି ହେଲାଣି ତା'ର ତ ଏତେ ବଡ ଟ୍ୟୁମର ଅଛି, ରକ୍ତ ହୀନତା ଅଛି ଆଗରୁ ଆଣିଲନି ଏବେ କାହିଁକି ଆଣିଲ ? କ'ଣ ତୁମକୁ ସେ' ଆଉ ରାନ୍ଧି ବାଢି ଖାଇବାକୁ ଦେଇ ପାରିଲା ନାହିଁକି ? ଭଦ୍ରଲୋକ ସଙ୍ଗେ ସଙ୍ଗେ ଉତ୍ତର ଦେଲେ 'ଆଜ୍ଞା ହଁ', ରାନ୍ଧି ପାରିଲାନି, ଖାଲି ଘୁଷୁରିଲା । ଏଇଠି ପୁରୁଷଟିର ସ୍ୱାର୍ଥରେ ବାଧା ହେଲା । ସେ ଖାଇବାକୁ ଦେଇ ପାରିଲାନି ବୋଲି ତାକୁ ହସପିଟାଲ ଅଣାଗଲା । ସେ ପୁଣି ମତେ କହିଲା, 'ଆଜ୍ଞା କିଛି, ପରୀକ୍ଷା କରନ୍ତୁ ନାହିଁ, ତାକୁ ଟିକେ ଟନିକ ଫନିକ ଦେଇ ଦିଅନ୍ତୁ ସେ ଠିଆହୋଇ ପାରିବ, ରାନ୍ଧିବ, ବାଢିବ ଓ ଘର କାମ ସବୁ କରି ପାରିବ ।' ଦେଖନ୍ତୁ ତ କେଉଁ ସ୍ତରରେ ମହିଳାମାନେ ଅବହେଳାର ଶିକାର ହେଉଛନ୍ତି, ସେଠି ଆମ ଭଳି ବିଶେଷଜ୍ଞ ମାନେ ବା' କ'ଣ କରିପାରିବେ ?

ଆଉ ଗୋଟିଏ ଦିନ ଚାମ୍ବରରେ ବସି ରୋଗୀ ଦେଖୁଥିବା ବେଳେ ପ୍ରଥମ ରୋଗୀଟି ଧୀରେ ଧୀରେ ଆସି ମୋ ସାମ୍ନା ଚେୟାରରେ ବସିଲା । ତନୁ ପାତଳୀ ଝିଅଟିଏ, ବେଶ୍ ଭଲ ଦେଖିବାକୁ କିନ୍ତୁ ସେ ସୁନ୍ଦର ମୁହଁ କୁ ଯେମିତି ଦୁଃଖର ବାଦଲ ଢାଙ୍କି ଦେଇଛି ମନ ଓ ଦେହ ଉଭୟ ଭାରାକ୍ରାନ୍ତ । ମୋ ସାମ୍ନାରେ ସେ ଲୋଟାକୋଟା ହୋଇ ବସିଲା ଓ ତା' ରୋଗର ଇତିହାସ ମତେ କାନ୍ଦ କାନ୍ଦ ସ୍ୱରରେ କହିଲା । ମୁଁ ଭିତରକୁ ନେଇ ତାକୁ ପରୀକ୍ଷା କରି ସାରିଲା ପରେ ଆରମ୍ଭ ହୋଇଗଲା ତାର କୋହ ମିଶା କାନ୍ଦ । ତାକୁ ଯେତେ ସାନ୍ତ୍ୱନା ଦେଲେବି ତା'ର କଇଁ କଇଁ ସ୍ୱର ଓ ଲୁହର ଧାର ମତେ ବିଚଳିତ କରିଦେଲା । ମୁହଁ ଘୋଡାଇ ତା' ସ୍ୱାମୀଙ୍କର ଅକଥନୀୟ ଅତ୍ୟାଚାର କଥା କହିଲା । କେମିତି ପ୍ରତି ମୁହୂର୍ତ୍ତରେ ତା' ସ୍ୱାମୀ ତାକୁ କଥାକଥାକେ ମାଡ ଓ ଅକଥନୀୟ ଅତ୍ୟାଚାର ଦେଉଛି, କାରଣ ଦେହ ଖରାପ ଯୋଗୁଁ ସେ ଭଲ ଭାବେ ଘରକାମ କରିପାରୁନାହିଁ ଓ ରାନ୍ଧିପାରୁନାହିଁ । ଏତେ ବର୍ଷ ହେଲାଣି ଅଥଚ ସେ ଝିଅର କରୁଣ ମୁହଁ ଏ ଯାଏଁ ଭୁଲି ପାରି ନାହିଁ । କେବେ ସମାପ୍ତ ହେବ ନାରୀ ପାଇଁ ଏ ନିର୍ଯ୍ୟାତନା ? ନାରୀ କେବେ ସ୍ୱର ଉତ୍ତୋଳନ କରିବ, କେବେ ସ୍ୱାଧୀନତାର ଚାବି କାଠି ପାଇବ ? ଏଥିପାଇଁ ସବୁ ସମୟରେ ଓ ସବୁ ସ୍ତରରେ ସ୍ୱର ଉତ୍ତୋଳନ କରିବା ଜରୁରୀ । (କ୍ରମଶଃ)

ଧାରାବାହିକ ଅନୁବାଦ ଉପନ୍ୟାସ...(୮ମ ଭାଗ)

ଗୁହ୍ଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ

ଅନୁସୃଜନ– ନମିତା ପାଇକରାୟ

(ପ୍ରଥମ ଖଣ୍ଡ)

ମନମୋହନ

ଗଙ୍ଗାନଦୀ କୂଳରେ ଗୋଟେ ଖାଲି ପଡ଼ିଆ ଅଛି । ସେଇଠି ଆମେ କସରତ କରୁ । କିଛି ସମୟ ବସୁ । ତା' ପରେ ଗଙ୍ଗାସ୍ନାନ କରି ଫେରୁ । ପାଣି ଭିତରକୁ ପଶିଲେ ବହୁତ ଗରମ ଲାଗେ । ସେଠି ପହଞ୍ଚି ସାରା ଦୁଃଖ କଷ୍ଟ ଭୁଲି ଯାଉଥିଲି । ମନମୋହନ ସୁନ୍ଦର ପହଁରାଳି ଥିଲେ । ସେ ଖୁବ୍ ଦୂରଯାଏ ପହଁରୁ ଥିଲେ । ବେଳେବେଳେ ମୋ ହାତ ଧରି ମୋତେ ବି ପହଁରା ଶିଖଉଥିଲେ । ବେଳେବେଳେ ମୋତେ ପହଁରାର ବିଭିନ୍ନ କୌଶଳ ଶିଖଉଥିଲେ ।

ପହଁରିବା ଛଡ଼ା ଆହୁରି ନୂଆ କଥା କିଛି ଘଟିଲା । ଗୋଟେ ବିଶେଷ କଥା ଥିଲା କି, ସନ୍ଧ୍ୟାରେ ବୁଲାବୁଲି କରି ଫେରିଲା ବେଳକୁ ମନମୋହନ ବି ଦିନେ ଦିନେ ମୋ ପଢ଼ାପଢ଼ି ପାଖରେ ବସିଯାଆନ୍ତି । ଇଂରାଜୀ ଓ ଗଣିତ ଖୁବ୍ ସୁନ୍ଦର ଭାବେ ବୁଝାଇ ଦିଅନ୍ତି । ବେଳେବେଳେ ସେ ନିଜେ ମୋର ଯେ କୌଣସି ବହି ନେଇ ଚୁପ୍‌ଚାପ୍ ବସି ପଢ଼ନ୍ତି । ମୋ ପାଠ୍ୟ ପୁସ୍ତକକୁ ସେ ଏତେ ଧ୍ୟାନର ସହିତ ପଢ଼ନ୍ତି, ଲାଗେ ଯେମିତି ତାଙ୍କର କିଛି ପଢ଼ାପଢ଼ି ବହି ପଢୁଛନ୍ତି । ବେଳେବେଳେ ମୁଁ ଆଶ୍ଚର୍ଯ୍ୟ ହୋଇଯାଏ । ଘରୁ କିଛି ପତ୍ରିକା ଆଣି ତାଙ୍କ ହାତରେ ଦେଇଦିଏ । ଏମିତି ବହୁତ ସମୟ ପର୍ଯ୍ୟନ୍ତ ଆମ ଘରେ ସେ ମୋ ପାଖରେ ବସନ୍ତି । ଯେତେବେଳେ ଖାଇବା ସମୟ ହୁଏ ସାଙ୍ଗ ହୋଇ ବେଳେବେଳେ ଖାଇଥାଉ । ଆମ ଘରେ ଖାଇବାକୁ କହିଲେ ସେ ଆପତ୍ତି କରନ୍ତିନି ଖୁସିରେ ଖାଆନ୍ତି । ସେ ଯେତେଥର ଆମ ଘରେ ଖାଆନ୍ତି, ତା'ଠାରୁ ଅଧିକ ସେ ମୋତେ ଖୁଆନ୍ତି । ତାଙ୍କ ଘରକୁ ଯଦି କେବେ ଯାଉଥାଏ କିମ୍ବା ବଜାରରେ ସାଙ୍ଗ ହୋଇ କେତେବେଳେ ବୁଲାବୁଲି କରିବା ସମୟରେ ସେ ମୋତେ ଏତେ ଖୁଆନ୍ତି ଯେ ମୁଁ ନିଜକୁ ଲଜ୍ଜିତ ମନେ କରେ ।

ଏମିତି ଏମିତି ଶୀତଦିନ ଖୁସିରେ ବିତିଗଲା । ମନମୋହନଙ୍କ ସହ ବନ୍ଧୁତା ପାଇଁ ମୁଁ ବହୁତ ଖୁସିଥିଲି । ବେଳେବେଳେ ମୋତେ ଲାଗେ ଆମ ଦୁଇଜଣଙ୍କ ବନ୍ଧୁତା ବୋଧେ କୌଣସି ଏକ ଉଦ୍ଦେଶ୍ୟ ପାଇଁ ହୋଇଛି । ଆମ ଦୁହିଁଙ୍କ ଜନ୍ମ ବୋଧେ କୌଣସି ଅସାଧାରଣ କାର୍ଯ୍ୟ ସାଧନ ପାଇଁ ହୋଇଛି । ଧର ଏକ ଦେଶରେ କାହା ମନ ଜିତିବା କେତେ କଷ୍ଟ । ତେଣୁ ଆମ ଦୁହିଁଙ୍କ ଜନ୍ମ ହୋଇଛି ବୋଧେ ଏ ଦେଶରେ କୋଟି କୋଟି ଜନତାଙ୍କୁ ଉଦ୍ଧାର କରିବା ଭ୍ରଷ୍ଟାଚାରରୁ, ଅତ୍ୟାଚାରରୁ, ଶୋଷଣରୁ । ସେଇଥିପାଇଁ ଆମେ ଦୁହେଁ ମିଶି ଆମ ବ୍ୟକ୍ତିତ୍ୱ ଗଢ଼ିବାରେ ବ୍ୟସ୍ତ ଅଛୁ । ମନମୋହନଙ୍କ ବ୍ୟକ୍ତିତ୍ୱରେ ଯେଉଁ ରହସ୍ୟ ଥିଲା, ତାହା ଧିରେ ଧିରେ ମୋ ବ୍ୟକ୍ତିତ୍ୱକୁ ସଂଚରି ଯାଉଥିଲା । ଏମିତିକି ମୋ କଳ୍ପନାଶକ୍ତି ଦ୍ୱାରା ମୁଁ ତାଙ୍କ ସମ୍ଭାବନା ଉପରେ ଅନନ୍ତ ବିସ୍ତାର କରିଥିଲା ।



ଗୋଟେ ଅସ୍ପଷ୍ଟ ଆଦର୍ଶ ଦଲିଲ ତିଆରି ଚାଲିଥିଲା ବନ୍ଧୁତା ଆମର ଆମ ଅଲକ୍ଷ୍ୟରେ । ମୋର ଅପାର ଆନନ୍ଦ ଓ ଉତ୍ସାହ ପର୍ଯ୍ୟାପ୍ତ ଥିଲା ଆମ ବନ୍ଧୁତାରେ ।

ଫେବୃଆରୀ ଶେଷରେ ଗଛଲତା, ଫୁଲ ଓ ମଧୁରତା ସକାଳର ଶୀତଳ ପବନର ଛୁଆଁ ଚେତେଇ ଦେଉଥିଲା କିଶୋରୀ ବସନ୍ତ ଯୌବନପ୍ରାପ୍ତ ହେବାକୁ ଯାଉଛି । ଦିନେ ସନ୍ଧ୍ୟାରେ ମୁଁ ଆଉ ମନମୋହନ ବହୁତ କମ୍ ସମୟ ପାଇଁ ବୁଲାବୁଲି କରି ଫେରୁଥିଲୁ । ମନମୋହନ ତାଙ୍କ ଘରକୁ ଗଲା ବେଳେ ମୋ ହାତରେ ଗୋଟେ ଲଫାପା ଦେଇ କହିଲେ, 'ଏଠି ଖୋଲିବୁନି ଘରକୁ ଗଲେ ଲଫାପା ଖୋଲି ପଢିବୁ ।'

ମୁଁ ଲଫାପା ତାଙ୍କ ହାତରୁ ନେଲି । କେଜାଣି କାହିଁକି ସେ ଲଫାପାକୁ ହାତରେ ଧରିଲା ପରେ ମୋର ହୃଦ୍‌ସ୍ପନ୍ଦନ ବଢ଼ିବାକୁ ଲାଗିଲା । ମୁଁ ଚୁପ୍‌ଚାପ୍ ଘରକୁ ଫେରିଲି । ଆଉ ଦାଣ୍ଡ ଘରେ ଏକାଏକା ବସି ଲଣ୍ଠନ ଆଲୁଅରେ ପଢ଼ିବାକୁ ଲାଗିଲି । ତାହା ଗୋଟେ ପ୍ରେମପତ୍ର ଥିଲା । ଯାହା ଏମିତି ଥିଲା ।

ମୋ କୃଷ୍ଣ,

ଖୁସିରେ ରୁହ । ଏ ଚିଠି ପାଇ ତୁମେ ଆଶ୍ଚର୍ଯ୍ୟ ହୋଇଯିବ । ବୋଧେ କିଛି ଦୁଃଖ ବି ପାଇବ । ମୋତେ ଜଣା ନାହିଁ ମୁଁ ଚିଠି ତୁମକୁ କାହିଁକି ଲେଖୁଛି ।

ଦୀର୍ଘ କେତେଦିନରୁ ଭାବୁଛି ମୁଁ ତୁମକୁ ସବୁକଥା କହିବା ପାଇଁ ମୋ ହୃଦୟର କଥା । କିନ୍ତୁ ତୁମର ମୁଁ ଏତେ ପାଖରେ ଥାଇ ମଧ୍ୟ କିଛି କହି ପାରିଲିନି । ଏହାଠାରୁ ଆଉ ଅଧିକ ଦୁର୍ଭାଗ୍ୟ ମୋର କଣ ହୋଇପାରେ ? ତୁମେ ଜାଣ ନାହିଁ କୃଷ୍ଣ ଆଜି ଏ ଦୁନିଆରେ ମୋ ଠାରୁ ଦୁଃଖୀ ବୋଧେ ଆଉ କେହି ନାହିଁ । ମୁଁ ଗୋଟିଏ ଅକୁହା କଥା ମୋ ମନ ଭିତରେ ଲୁଚେଇ ରଖିଛି । କେମିତି ତୁମକୁ ବତେଇବି ମୋ କୃଷ୍ଣ । ମୋର ଏ ବେଦନାକୁ ଲୁଚାଇ ରଖିବା ପାଇଁ ଅତ୍ୟନ୍ତ ଚେଷ୍ଟା କରିଛି କିନ୍ତୁ ଏବେ ଆଉ ଲୁଚାଇ ରଖିବା ମୋ ସହନଶକ୍ତି ବାହାରେ ।

କୃଷ୍ଣ, ତୁମ ପାଇଁ ମୋ ଜୀବନ କେତେ ମଧୁର ହୋଇ ଉଠିଛି, କେମିତି ମୁଁ ତୁମକୁ ବତେଇବି । ତୁମର ଛୋଟ ଛୋଟ କଥା ମଧ୍ୟ ମୋତେ ପାଗଳ କରେ । ତୁମେ କେତେ ଭଲ ଯେ ମୋ ଜୀବନକୁ ସଂପୂର୍ଣ୍ଣ କବଳିତ କରିଛ । ତୁମଠୁ ଅଲଗା ହୋଇ ମୁଁ ମୋ ଜୀବନର କଳ୍ପନା ବି କରି ପାରେନି । ତୁମେ ସବୁ ବେଳେ ମୋ ହୃଦୟ ଭିତରେ ଅଛ । ଯେତେବେଳେ ମୁଁ ଜାଗ୍ରତ ହେଉଛି ସେତେବେଳେ ତୁମ କଥା ପ୍ରଥମେ ମନେ ପଡୁଛି । ଯେତେବେଳେ ମୁଁ ଶୋଇବାକୁ ଯାଉଛି ତୁମକୁ ମନରୁ ଭୁଲିବା ପରେ ମୁଁ ନିଦ୍ରାକୁ ଆବାହନ କରୁଛି । ଏମିତି କାହିଁକି ହେଉଛି ମୋର କୃଷ୍ଣ । ମୁଁ ବିଲକୁଲ ଜାଣିନଥିଲି ଯେ ମୁଁ ତୁମକୁ ଏତିକି ପ୍ରେମ କରିବି ବୋଲି । ତୁମରି ସାମାନ୍ୟ ଇସାରାରେ ମୁଁ ପ୍ରାଣ ବିସର୍ଜନ କରିଦେଇ ପାରେ । ଯଦି ତୁମେ ପରୀକ୍ଷା କରିବାକୁ ଚାହଁ ତ ପରୀକ୍ଷା କରିପାର । ତୁମେ ମୋର ହୁଅ କି ନ ହୁଅ ମୁଁ ସଦାବେଳେ ତୁମର ।

ଏମିତି ଜୀବନଟା ଦିନେ ପାଉଁଶ ହୋଇଯିବ । କିନ୍ତୁ ମୋର କୌଣସି ଅବାସୋସ ନାହିଁ । ମୁଁ ମରିବା ସମୟରେ 'ଆହା' ବୋଲି ଉଚ୍ଚାରଣ କରିବିନି । ମରିବା ସମୟରେ ତୁମେ ମୋ ମନରେ ଥିବ ମୁଖ ମଣ୍ଡଳରେ ହାସ୍ୟମୁଦ୍ରା ଥିବ ! ଅପାର ଆଶା ଓ ବିଶ୍ୱାଶ ସହିତ ତୁମକୁ ମୁଁ ପତ୍ର ଲେଖୁଛି । ଯଦି ଚାହଁ ଏହାର ଉତ୍ତର ଦେବ ନହେଲେ ଚିଠିଟିକୁ ଚିରି ଖଣ୍ଡ ଖଣ୍ଡ କରି ଫୋପାଡ଼ି ଦେବ । ମୋ ଭୁଲ ପାଇଁ ମୋତେ କ୍ଷମା କରିଦେବ । ଏବେ ଏ ପଂକ୍ତି ଦ୍ୱାରା ଏ ପତ୍ରକୁ ଏଇଠି ସମାପ୍ତ କରୁଛି ।

ଏ ଜିନିଷ ତ ତୁମର
ତୁମେ ପରିତ୍ୟାଗ କର
ବା ପ୍ରେମ କର
ଦୁନିଆର ସବୁଠୁ ଅଭାଗା
କିନ୍ତୁ ମୁଁ ତୁମର
ମନମୋହନ–

ପତ୍ର ପଢ଼ିସାରିବା ପରେ ମୁଁ ସ୍ତମ୍ଭୀଭୂତ ହୋଇଗଲି । ମନମୋହନ ଠାରୁ ମୁଁ ବିଲ୍‌କୁଲ ଏହା ଆଶା କରୁନଥିଲି । ଯାହାକୁ ମୁଁ ମୋର ବଡ଼ଭାଇ ପରି ସମ୍ମାନ କରୁଥିଲି, ସେ ଏମିତି ପତ୍ର ମୋ ପାଖକୁ ଲେଖିବାକୁ ସାହସ କେମିତି କଲେ ? ଏ ପତ୍ରର ଅର୍ଥ କଣ ? ତାଙ୍କ ସହ ମୋର ଘନିଷ୍ଠ ସଂପର୍କ ଥିଲା, କିନ୍ତୁ ଏବେ ସେ ମୋଠାରୁ କଣ ଚାହାଁନ୍ତି ? ଏ କଥା ମୁଁ ବରଦାସ୍ତ କରି ପାରିଲିନି । ଆଦର୍ଶ ନାୟକ ! ଆଦର୍ଶ ମଣିଷ ? ବୀରତା ଥୁ... ଥୁ... ।

ଏ ମଣିଷ ଉପରେ ଇସ୍ପାତ ପୋଷାକ ପିନ୍ଧି ଭିତରେ ମାନସିକ ରୂପରେ କେତେ ଦୁର୍ବଳ ନପୁଂସକ । ହିମାଳୟ ପରି ଉଚ୍ଚ ଆଦର୍ଶ ଅନ୍ତ ଏମିତି ହେବାର ଥିଲା । ମୁଁ ଖୁବ କୋରରେ ହସିବାକୁ ଲାଗିଲି । ତା' ପରେ ମୋ ଉପରେ ରାଗ ଆସିଲା । ମୋ ମୁଣ୍ଡରେ କ୍ରୋଧର ଭୂତ ପଶିଲା । ସତରେ ମୋର ଫୁଲ ପରି ମନ କୋମଳ ପବିତ୍ର ହୃଦୟକୁ ମନମୋହନ ପାଦତଳେ ଦଳି ସାରିଥିଲା । ସେ ମୋର ଉଚ୍ଚତର ବ୍ୟକ୍ତିତ୍ୱର ତଣ୍ଟି ତିପି ଦେବାକୁ ପ୍ରୟାସ କରୁଥିଲା । ମୋତେ ଏମିତି ଅପମାନିତ କରିବା ତାର ଅଧିକାର ନାହିଁ । ତାଙ୍କ ପ୍ରତି ମୋର ଯେଉଁ ସ୍ନେହ ସମ୍ମାନ ଥିଲା । ତା' ଉପରେ ଛାପ ପକାଇବା ତାଙ୍କୁ କିଏ ଅଧିକାର ଦେଲା ।

ସାମ୍ନାରେ ଲଣ୍ଠନ ଜଳୁଥିଲା । ମୋ ହାତରେ ପତ୍ର ଥିଲା । ଠିଆ ଠିଆ ଅଚାନକ ମୋ ହୃଦୟ ଗୋଟେ ଘୃଣା ଅପମାନିତ ପୀଡ଼ାରେ ଧକ୍‌ଧକ୍ ହେବାକୁ ଲାଗିଲା । ମୋ ଆଖିରୁ ଆପେ ଆପେ ଲୁହ ଝରିଆସିଲା ।

ମନମୋହନ ସହ ପୁଣି କଥାବାର୍ତ୍ତା ବନ୍ଦ ହୋଇଗଲା । ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ପତ୍ର ଦେଲା ପରଠାରୁ ସେ ଆମ ଘରକୁ ଆସିନଥିଲେ । ପରଦିନ ସ୍କୁଲ ଯିବା ସମୟରେ ସେ ପାଖ ଦେଇ ଗଲେ । ନା ସେ ମୋତେ ଅନେଇଲେ ନା ମୁଁ ତାଙ୍କୁ ଚାହିଁଲି । ଆମେ ଦୁଇଜଣ କ୍ଷିପ୍ର ଗତିରେ ନିଜ ନିଜ ରାସ୍ତାରେ ଚାଲିଗଲୁ । କିନ୍ତୁ ସେହିଦିନଠାରୁ ସେ ଏମିତି ସବୁ ପାଗଳାମୀ କଲେ ଯେ ଯେମିତି ନିଜ ଭୁଲ ପାଇଁ ସେ ନିଜେ ନିଜକୁ ଅପମାନିତ କରିଛନ୍ତି । ଆଉ ତାଙ୍କ କ୍ରୋଧ ହିଁ ତାଙ୍କ ଭୁଲର ଦଲିଲ ଥିଲା ।

ପୁଣି ଥରେ କସରତ ଓ ମନମୋହନ ସହ ମିଳାମିଶା ସବୁ ବନ୍ଦ ହୋଇଗଲା । ମୋ ହୃଦୟ ଭିତରେ ତାଙ୍କ ପାଇଁ ଯେଉଁ ଆଦର ସମ୍ମାନ ଥିଲା, ତାଙ୍କ ଶକ୍ତିଶାଳୀ ବ୍ୟକ୍ତିତ୍ୱ ଯାହା ମୋତେ ପ୍ରଭାବିତ କରୁଥିଲା ସବୁ ଆକସ୍ମାତ ବନ୍ଦ ହୋଇଗଲା । ମୋ ସାମ୍ନାରେ ସେ କୌଣସି ବାଟ ରଖି ନଥିଲେ ଯେ ତାଙ୍କ ପ୍ରତି ପୁଣି ସ୍ନେହ ସମ୍ମାନ ଜନ୍ମିବ । ମୋ ଭିତରେ କଣ ଥାଉ କି ନଥାଉ ସଚ୍ଚୋଟତା ସଂଯମତା ଥିଲା । ତା' ଭିତରେ ମୁଁ ରାଜା ଓ ରାଜ ଦରବାର ଥିଲା । ତା' ଭିତରେ ମୋ ବ୍ୟକ୍ତିତ୍ୱ ସୁରକ୍ଷିତ ଥିଲା । ମୋ ବ୍ୟକ୍ତିତ୍ୱ ଉପରେ ଆକ୍ରମଣ କରିବାର ଷଡ଼ଯନ୍ତ୍ର ମନମୋହନ ରଚିଦେଲେ । ମୁଁ କିନ୍ତୁ ଯାକୁ ବରଦାସ୍ତ କରିବା ପିଲା ନୁହେଁ । ମୋ ନଜରରେ ସେ ଏବେ ଅତ୍ୟନ୍ତ ସାଧାରଣ ମଣିଷ ଛଡ଼ା ଆଉ କିଛି ନୁହେଁ ।

ତାଙ୍କ ସହିତ ସଂପର୍କ ତୁଟିଗଲା ପରେ ମୁଁ ଅକଥନୀୟ ଲଜ୍ଜା, ଅପମାନ, ଉଦାସୀନତା, ଏକୁଟିଆ ଓ ବେସାହାରା ଅନୁଭବ କରୁଥିଲି । କିନ୍ତୁ ସବୁଠୁ ଅଧିକ ମୁଁ ମୋ ନିଜ ଭିତରେ ସୁଦୃଢ଼ ହେଉଥିଲି । ମନମୋହନ ସହ ବୁଲାବୁଲି କରିଲା ବେଳେ ମୁଁ ନିଜକୁ ସାହାସୀ ଭାବୁଥିଲି । ଯେକୌଣସି ଅସୁବିଧା ହେଉନା କାହିଁକି ମୁଁ ସାମ୍ନା କରିବା ପାଇଁ ଭୟ କରେନା । କିନ୍ତୁ ବର୍ତ୍ତମାନ ଆଉ ସେ ସାହାସ ନାହିଁ । ଖାଲି ସେତିକି ନୁହେଁ ଅଜଣା ଆଶଙ୍କା ସବୁବେଳେ ମୋର ମନ ଭିତରେ ଘର କରିଥିଲା । ମନମୋହନ ଆସି ମୋତେ ଆଉ ଯେତେ ଅନ୍ୟ ପିଲା ମାନଙ୍କୁ ହଇରାଣ ହରକତ କରିବେନି ତ । ଏତିକି ନୁହେଁ ଆହୁରି ଅଧିକ କିଛି ସେ କରି ପାରନ୍ତି । ଏଇ ଚିନ୍ତା ମୋତେ ଭିତରେ ଭିତରେ କୋରି ଖାଉଥିଲା ।

(କ୍ରମଶଃ)

❤ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୨ ମଇ, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ସ୍ମରଣୀୟେଷୁ

ଜଙ୍ଗଲର ଅଭିଧାନ- 'ତୁଳସୀ ଗୌଡା'

କାଳବୈଶାଖୀ ପାଇଁ ଚାଷୀ କ୍ଷତିଗ୍ରସ୍ତ

ଲଙ୍ଗଳେଶ୍ୱର, ୨୧/୦୫ (ନି.ପ୍ର): ଗତ କାଲି ରାତି ଓ ଆଜି ଅପରାହ୍ନ ରେ କାଳବୈଶାଖୀ ଯୋଗୁଁ ବାଲିଆପାଳ ବ୍ଲକ ଏବଂ ଲଙ୍ଗଳେଶ୍ୱର ଅଞ୍ଚଳ ରେ ବହୁ କ୍ଷୟକ୍ଷତି ଘଟିଛି ।ବିଶେଷ କରି ଧାନ ଅମଳ କରୁଥିବା ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ପବନ ବର୍ଷା ଯୋଗୁ ଅମଳ ରେ ବାଧକ ସାଜିବା ବେଳେ ଧାନ ଝଡିପଡି ବହୁ କ୍ଷତି ଘଟିଛି । ଏହାବ୍ୟତୀତ ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ ଗଡି ପଡିବା ଡାଳ ଭାଙ୍ଗି ପଡିବା ସହିତ ବହୁ ଚାଳ ଛପର ଉଡେଇ ନେଇଛି । ବିଭିନ୍ନ ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡିଯିବା ଯୋଗୁଁ ବିଦ୍ୟୁତ ସରବରହରେ ଅସୁବିଧା ଦେଖାଯାଇଛି । ଗତକାଲି ମାନଧାତା ପଞ୍ଚୁପାଲି ରାସ୍ତାରେ ଗଛ ଡାଳ ଭାଙ୍ଗି ପଡିବା ଯୋଗୁଁ କିଛି ସମୟ ଯାତାୟାତ ରେ ବ୍ୟାହତ ଦେଖାଯାଇଥିଲା ।

ଅଂଶୁଘାତରେ ଯୁବକର ମୃତ୍ୟୁ ଅଭିଯୋଗ

ନୀଳଗିରି, ୨୧/୦୫ (ନି.ପ୍ର): ଅଂଶୁଘାତରେ ଜଣେ ଯୁବ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ମୃତକର ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ମେଡିକାଲକୁ ପଠାଯାଇଛି ।ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅଧିନସ୍ଥ ଜାମୁଡ଼ିହା ଗ୍ରାମର ଉପେନ୍ଦ୍ର ବିଶ୍ୱାଳ ର ପୁତ୍ର ଛଚିନ୍ଦ୍ର ବିଶ୍ୱାଳ (୫୦) ଶୁକ୍ରବାର ଦିନ କାମ କରିବାକୁ ଯାଇଥିଲା । ଭିଷଣ ଖରା ହୋଇଥିବାରୁ ଉକ୍ତ ଦିନ ୧୦ଟା ସମୟରେ କାମ କରି ଫେରଉଥିବା ବେଳେ ବିଲ ମଝିରେ ଚେତାଶୂନ୍ୟ ଭାବେ ପଡ଼ିଯାଇଥିଲ । ପରିବାର ଲୋକେ ବହୁ ଖୋଜାଖୋଜି କଲାପରେ ମଧ୍ୟ ଛଚିନ୍ଦ୍ରର ସିନ୍ଧାନ ପାଇ ନ ଥିଲେ । ଶନିବାର ଦିନ ଏକ ବିଲରେ ଛଚିନ୍ଦର ମୃତ ଶରୀର ଠାବ କରାଯାଇଥିଲା ।ପରିବାର ଲୋକେ ନୀଳଗିରି ମେଡିକାଲକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି । ଏ ନେଇ ନୀଳଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଅଛି ।

ରବିବାର ଦିନ ଖୋଲିବ ହେମକୁଣ୍ଡ ସାହିବ ଏବଂ ଲୋକପାଳ କବାଟ

ଗୋପେଶ୍ୱର, ୨୧/୦୫ (ନି.ପ୍ର): ଶିଖ ମାନଙ୍କର ପ୍ରସିଦ୍ଧ ଧାମ ହେମକୁଣ୍ଡ ସାହିବଙ୍କ ଦ୍ୱାର ୨୨ ମଇ ରବିବାର ଦିନ ଖୋଲୁଛି । ଶନିବାର ଦିନ ଗୋବିନ୍ଦ ଘାଟ ଗୁରୁଦ୍ୱାରର ଜୋ ବୋଲେ ସେ ନିହାଲଙ୍କ ଜରିଆରେ ପଂଚ ପ୍ୟାରଙ୍କ ନେତୃତ୍ୱରେ ତିନି ହଜାରରୁ ଅଧିକ ତୀର୍ଥଯାତ୍ରୀ ହେମକୁଣ୍ଡ ସାହିବ ଅଭିମୁଖେ ଯାତ୍ରା କରିଥିଲେ । ଅପରାହ୍ନରେ ଭକ୍ତଙ୍କ ବ୍ୟାଚ ଯାତ୍ରାର ମୁଖ୍ୟ ସ୍ଥଳ ଘାଂଗରିଆରେ ପହଂଚିବ । ତୀର୍ଥଯାତ୍ରୀମାନେ ରବିବାର ସକାଳ ୨ଟା ସୁଦ୍ଧା ହେମକୁଣ୍ଡ ସାହିବରେ ପହଂଚିବେ ଏବଂ ସକାଳ ୧୦ ଠାରେ ହେମକୁଣ୍ଡ ସାହିବଙ୍କ ଦ୍ୱାର ଠିକ୍ ଭାବରେ ଖୋଲାଯିବ ।

ବିଶ୍ୱବିଦ୍ୟାଳୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବକ୍ତୃତା

ବାରିପଦା, ୨୧/୦୫ (ନି.ପ୍ର): ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ବାର୍ଷିକ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବକ୍ତୃତା ଆଜି ଅପରାହ୍ନରେ ବିଶ୍ୱବିଦ୍ୟାଳୟ ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରତ୍ନତତ୍ତ୍ୱବିତ ତଥା ଆମେରିକାର ୱିସ୍‌କନ୍‌ସିନ୍ ମାଡିସନ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ପ୍ରଫେସର ଜୋନାଥନ୍ ମାର୍କ କେନୋୟାର୍ ଯୋଗଦେଇ ସିନ୍ଧୁ ସଭ୍ୟତାର ଉତ୍ପତି ଓ ପରବର୍ତୀ କାଳରେ ଏହାର ପ୍ରଭାବ ଶୀର୍ଷକରେ ବକ୍ତୃତା ପ୍ରଦାନ କରିଥିଲେ । ପ୍ରଫେସର କେନୋୟାର ତାଙ୍କ ବକ୍ତବ୍ୟର ପ୍ରାରମ୍ଭରେ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରି ମହାରାଜାଙ୍କୁ ଓଡ଼ିଶାର ନବଯୁଗର ପ୍ରବର୍ତକ ବୋଲି ଆଖ୍ୟାୟିତ କରିଥିଲେ । ନିଜ ବକ୍ତୃତାରେ ସେ ସିନ୍ଧୁ ସଭ୍ୟତାରେ ମାତୃକୈନ୍ଦ୍ରିକ ପାରିବାରିକ ବ୍ୟବସ୍ଥା, ପୃଥିବୀର ଦୂରଦୂରାନ୍ତ ସଭ୍ୟତା ଗୁଡ଼ିକ ସହ ବାଣିଜ୍ୟିକ ସମ୍ପର୍କ, ୟୁନିକର୍ଣ୍ଣ (ଏକସିଙ୍ଗା) ପ୍ରାଣୀର ବହୁଳ ଉପସ୍ଥିତି, ମଣିଷମାନଙ୍କ ଦନ୍ତ ଅବଶେଷର ଅନୁଧ୍ୟାନରୁ ଖାଦ୍ୟାଭ୍ୟାସ ପରିଚିତି, ରେଶମ ଉତ୍ପାଦନରେ ଚୀନଠାରୁ ମଧ୍ୟ ପ୍ରାଚୀନ ରେଶମ ଉତ୍ପାଦନ ବ୍ୟବସ୍ଥା, ତତ୍କାଳୀନ ମହିଳାଙ୍କ ଅଳଙ୍କାର, ପୁରୁଷଙ୍କ ପଗଡ଼ି ପରିଧାନ ଆଦି ବିଷୟ ଗୁଡ଼ିକ ଉପରେ ଆଲୋକପାତ କରି ଶ୍ରୋତା ମାନଙ୍କୁ ବିମୋହିତ କରିଥିଲେ । ଏହି କାର୍ଯ୍ୟକମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର କୁମାର ବସା ସଭାପତିତ୍ୱ କରି ବିଶ୍ୱବିଦ୍ୟାଳୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତିଲାଭ କରିଥିବା ଜଣେ ବ୍ୟକ୍ତିବିଶେଷଙ୍କୁ ଆମନ୍ତ୍ରଣ କରି ଏଭଳି ବକ୍ତୃତା ପ୍ରତିବର୍ଷ ଆୟୋଜନ କରିବାର ସିଦ୍ଧାନ୍ତ ନିଆଯାଇଥିବାର କହିଥିଲେ । ସ୍ନାତକୋତର ପରିଷଦର ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, କୁଳସଚିବ ସହଦେବ ସମାଧୀଆ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ତଥା ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ବୃନ୍ଦ ଓ ବାରିପଦାର ବୁଦ୍ଧିଜୀବି ଓ ଗବେଷକ ମାନେ ଯୋଗଦାନ କରିଥିଲେ ।

ଜଳେଶ୍ୱର ଆଇଆଇସିଙ୍କ ବ୍ୟବହାରରେ ସାମ୍ବାଦିକମାନେ କ୍ଷୁବ୍ଧ

ଜଳେଶ୍ୱର, ୨୧/୫ (ନି.ପ୍ର): ଗତ ଶୁକ୍ରବାର ସଂଧ୍ୟାରେ ଜଳେଶ୍ୱର ଅଂଚଳର କେତେକ ସାମ୍ବାଦିକ ସମ୍ବାଦ ସଂଗ୍ରହ ଲାଗି ଆଇଆଇସି ରୋଜାଲିନ୍ ବେହେରାଙ୍କ କାର୍ଯ୍ୟାଳୟକୁ ସାକ୍ଷାତ ଲାଗି ଯାଇଥିଲେ । କଥା ପ୍ରସଙ୍ଗରେ ଆଇଆଇସି ବେହେରା ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ କଟୁ ମନ୍ତବ୍ୟ ଦେବା ସହିତ ଆବଶ୍ୟକ ହେଲେ ସମସ୍ତ ସାମ୍ବାଦିକଙ୍କୁ ବାନ୍ଧି ଦେବେ ବୋଲି କହିବା ପରେ ସାମ୍ବାଦିକ ମାନେ ଜଳେଶ୍ୱର ଏସ୍‌ଡିପିଓ ଅଂକିତା କୁମ୍ଭାରଙ୍କୁ ଜଣାଇଥିଲେ । ଆଜି ଆହୂତ ଏକ ବୈଠକରେ ସର୍ବ ସମ୍ମତକ୍ରମେ ସିଦ୍ଧାନ୍ତ ଅନୁଯାୟୀ ଆଇଆଇସିଙ୍କ କଥାରେ ସମ୍ମାନହାନୀ ହେବାଭଳି ଆଚରଣ ଥିବାରୁ ଜଳେଶ୍ୱର ଏସ୍‌ଡିପିଓ, ବାଲେଶ୍ୱର ଏସ୍‌ପି ଓ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶଙ୍କୁ ଲିଖିତଭାବେ ଜଣାଇଛନ୍ତି । ଘଟଣାର ସମାଧାନ ନ ହେଲେ ଆସନ୍ତା ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହେବ ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି ।

ମେଗା ଜଳ ପ୍ରକଳ୍ପରୁ ପାଇପ ଚୋରୀ କରୁଥିବା ବେଳେ ରାଜସ୍ଥାନର ଟ୍ରକ ଜବତ

ନୀଳଗିରି, ୨୧/୦୫ (ନି.ପ୍ର): ନୀଳଗିରି ଅଯୋଧ୍ୟା ପଂଚାୟତରେ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ର କାର୍ଯ୍ୟ ଚାଲିଥିବା ବେଳେ କମ୍ପାନୀ ପକ୍ଷରୁ ଅନେକ ସ୍ଥାନରେ ଶହ ଶହ ବଡ଼ବଡ଼ ଲୁହା ପାଇପ ମାନ ଗଚ୍ଛିତ ରଖାଯାଇଅଛି । ଏହାର ସୁଯୋଗ ନେବାକୁ ଆସି ରାଜସ୍ଥାନରେ ଏକ ୧୬ ଚକିଆ ଟ୍ରକ ଅଯୋଧ୍ୟା ଅଂଚଳରେ ଜଙ୍ଗଲ ଭିତରେ ଗଚ୍ଛିତ ଥିବା ବଡ଼ ବଡ଼ ଲୁହା ପାଇପ ଗୁଡ଼ିକୁ ଲୋଡ଼ କରୁଥିବା ବେଳେ କମ୍ପାନୀର ସିକୁରିଟି ଗାର୍ଡ଼ ଦେଖିବାକୁ ପାଇଲା ପରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । କମ୍ପାନୀର କର୍ମଚାରୀ ଓ ଅଧିକାରୀ ଘଟଣାସ୍ଥଳକୁ ଗଲାପରେ ଘଟଣାସ୍ଥଳରୁ ଚୋରି କରୁଥିବା ବ୍ୟକ୍ତିମାନେ ଫେରାର ହୋଇ ଯାଇଥିଲେ । ପରେ କମ୍ପାନୀ ପକ୍ଷରୁ ଅଯୋଧ୍ୟା ଫାଣ୍ଡିକୁ ଖବର ଦେବା ପରେ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରୁ ପାଇପ ବୋଝେଇ ଟ୍ରକଟିକୁ ଜବତ କରିଛନ୍ତି । ଘଟଣାର ତଦନ୍ତ ଜାରି ରହିଛି ।

ପଟ୍ରୋଲ ଓ ଡିଜେଲ୍ ଉପରୁ ଓଡ଼ିଶା ସରକାର ଭାଟ୍ କମାଇବାକୁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର, ୨୧/୦୫ (ନି.ପ୍ର): ଜନମତ ଆଗରେ ମୁଣ୍ଡ ନୁଆଁଇ ଅତ୍ୟଧିକ ଭାବରେ ବଢିଚାଲିଥିବା ପେଟ୍ରୋଲ୍ ଓ ଡିଜେଲ୍ ଦର ଉପରେ ଉତ୍ପାଦନ ଶୁଳ୍କ କମାଇବା ପାଇଁ କେନ୍ଦ୍ର ସରକାର ବାଧ୍ୟ ହୋଇଛନ୍ତି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଘୋଷଣା ଅନୁଯାୟୀ ଆସନ୍ତାକାଲିଠାରୁ ପେଟ୍ରୋଲ୍ ଲିଟର ପିଛା ଟ.୯.୫୦ପଇସା ଓ ଡିଜେଲ୍ ଲିଟର ପିଛା ୭ଟଙ୍କା ଏବଂ ଉଜ୍ଜ୍ୱଳା ଗ୍ୟାସ ସିଲିଣ୍ଡର ପିଛା ୨୦୦ ଟଙ୍କା ହିସାବରେ ବର୍ଷକୁ ୧୨ଟି ସିଲିଣ୍ଡର ପାଇଁ ୨୦୦ ଟଙ୍କା ଲେଖା ସବ୍‌ସିଡ୍ ଦେବାକୁ ସେ ଘୋଷଣା କରିଛନ୍ତି । କେନ୍ଦ୍ରର ଏହି ଘୋଷଣା ପରେ ଓଡ଼ିଶା ସରକାର ମଧ୍ୟ ପେଟ୍ରୋଲ ଓ ଡିଜେଲ୍ ଉପରୁ ଅନ୍ତତଃ ଲିଟର ପିଛା ୫ଟଙ୍କା ଭାଟ୍ ହ୍ରାସ କରିବାକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଦାବି କରିଛନ୍ତି ।

ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ - ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ

ବସ୍ତା, ୨୧/୦୫ (ନି.ପ୍ର): ଦୀର୍ଘ ୫୦ବର୍ଷର ଶିକ୍ଷକ କତା ଭିତରେ ହଜାର ହଜାର ଛାତ୍ର ମାନଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ପ୍ରବିଣ ଥିଲେ । ତାଙ୍କରି ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲାର ଜଣେ କୃତୀ ଶିକ୍ଷକ ସ୍ୱର୍ଗତଃ ନାରାୟଣ ଦାସ ଙ୍କୁ ଗତକାଲି ବିବେକ ଉତ୍ସବ-୨୨ରେ ବସ୍ତାସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ସଭାଗୃହରେ ପ୍ରାଥମିକ ଶିକ୍ଷା କ୍ଷେତ୍ର ରେ ତାଙ୍କର ଅବଦାନ ପାଇଁ ମରଣୋତ୍ତର 'ଶିକ୍ଷକ ଗୌରବ ସମ୍ମାନ' ତାଙ୍କ ଧର୍ମପତ୍ନୀ ଶାନ୍ତିଲତା ଦାସଙ୍କୁ ପ୍ରଦାନ କରାଯାଇଛି । ଏହି ଅବସରେ ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ତାର ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟ ଜୟକୃଷ୍ଣ ଗିରିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଅଛି । ଶିକ୍ଷାବିତ ଗଗନ ବିହାରୀ ଜେନା, ସମାଜସେବୀ ଶଙ୍କର କୁମାର କର, ଉପଦେଷ୍ଟା ତଥା ଶ୍ୟାମାପ୍ରସାଦ ବେହେରା, କୋଷାଧକ୍ଷ ପ୍ରଦୀପ କୁମାର ପରିଡା, ମାନଗୋବିନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ଉଦବୋଧନ ଦେବାସହ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଉପ ପ୍ରଧାନାଚାର୍ଯ୍ୟା ରଞ୍ଜିତା ପାଢୀ ବାର୍ଷିକ ବିବରଣୀ ପାଠ କରିଥିଲେ । ପୁଷ୍ପଲତା ପଟ୍ଟନାୟକ, ଅଞ୍ଜନ ସାହୁ, ସୁଶାନ୍ତିଲତା ବେହେରା, ସରୋଜ ପାତ୍ର, ନମିତା ଦାସ, ଅର୍ଚ୍ଚନା ଘୋଷ, ଶୁଚିସ୍ମିତା ସାହୁ, କବିତା ମହାକୁଡ଼, ରାଜେଶ୍ୱରୀ ଦାସ, ପ୍ରଜ୍ଞା ପରମପିତା ବେହେରା, ମମି, ଗୀତା, ପ୍ରମିଳା, ଶୁସାନ୍ତ ପ୍ରଧାନ ବିରାଜ ସିଂଦେଓ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଶାନ୍ତ ଗିରି ଧନ୍ୟବାଦ ଜଣାଇଥିଲେ । ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ବଡ଼ଦାଣ୍ଡରେ ମଦ ଓ ମାଂସ ଦୋକାନ : ଆଗକୁ ରଥ ଯାତ୍ରା ଆସୁଥିବାରୁ ବଢୁଛି ଜନ ଅସନ୍ତୋଷ

ଉଦଳା, ୨୧/୦୫ (ନି.ପ୍ର): ଉଦଳା ସହର ମଧ୍ୟରେ ଚଳିତ ବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । କ୍ରମାଗତ ଦୁଇ ବର୍ଷ ଧରି କରୋନା ପାଇଁ ରଥଯାତ୍ରା ବନ୍ଦ ଥିବା ବେଳେ ଚଳିତ ବର୍ଷ ଏଥିପାଇଁ ଉତ୍ସାହ ବୃଦ୍ଧି ପାଇଛି । ରଥରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧା ମୁର୍ତ୍ତିଙ୍କୁ ଦର୍ଶନ କଲେ ବବହୁ ପୁଣ୍ୟ ଫଳ ମିଳେ ବୋଲି ବିଶ୍ୱାସ ରହିଛି । ଏପରିକି ରଥ ଯେଉଁ ପଥ ଦେଇ ଯାଇଥାଏ , ଏହାକୁ ବଡ଼ଦାଣ୍ଡ ବୋଲି କୁହାଯାଏ । ବଡ଼ଦାଣ୍ଡର ମାଟି ଖୁବ ପବିତ୍ର ଅଟେ । ଏଥିପାଇଁ ବଡ଼ଦାଣ୍ଡର ମାଟିକୁ ଭକ୍ତ ମାନେ ମଥାରେ ମାରି ଥାନ୍ତି । କିନ୍ତୁ ଦୁଃଖର କଥା ଉଦଳାରେ ବଡ଼ଦାଣ୍ଡର ପାର୍ଶ୍ୱରେ ରହିଛି ମଦ ଓ ମାଂସ ଦୋକାନ । ଏଥିପାଇଁ ଜନଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେବେ ରଥଯାତ୍ରା ସମୟରେ ପ୍ରଶାସନ ମାଂସ ଓ ମଦ ଦୋକାନ ବନ୍ଦ କରିବା ପାଇଁ ପଦକ୍ଷେପ ନେଇଥାଏ । କିନ୍ତୁ ଭକ୍ତ ମାନେ ଏଥିରେ ସନ୍ତୁଷ୍ଟ ନୁହଁନ୍ତି । ବଡ଼ଦାଣ୍ଡରୁ ସବୁଦିନ ପାଇଁ ମଦ ଓ ମାଂସ ଦୋକାନ ବନ୍ଦ କରିବାକୁ ବିଭିନ୍ନ ମହଲରେ ଦାବୀ ହେଉଛି । ରାସ୍ତା ପାର୍ଶ୍ୱ ଖୋଲା ସ୍ଥାନରେ ମାଂସ କଟା ଏକ ବେଆଇନ କାର୍ଯ୍ୟ ଅଟେ । ତେଣୁ ରାସ୍ତା ପାର୍ଶ୍ୱ ମାଂସ ଦୋକାନ ଗୁଡ଼ିକୁ ସବୁଦିନ ପାଇଁ ବନ୍ଦ କରିବାକୁ ଅତିତରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣୀରେ ବାରମ୍ବାର ଦାବୀ ହୋଇଛି ।

ତ୍ରୁଟିପୂର୍ଣ୍ଣ ନିଦାନରୁ ମହିଳାଙ୍କ ଜୀବନ ବିପନ୍ନ : ନ୍ୟାୟ ପାଇଁ ଜିଲ୍ଲାପାଳଙ୍କଠାରେ ଗୁହାରି

ବାଲେଶ୍ୱର,୨୧।୫(ସିଟି): ଜିଲା ମୁଖ୍ୟ ଚିକିତ୍ସାଳୟରେ ତ୍ରୁଟିପୂର୍ଣ୍ଣ ନିଦାନ ଯୋଗୁଁ ଅନାବଶ୍ୟକ ଔଷଧ ଖାଇ ଅଧିକ ରୋଗାଗ୍ରସ୍ତ ହୋଇ ପଡ଼ୁଥିବା ବାଲିଆପାଳ ବ୍ଲକ ବିଶିକାଦେଇପୁର ଗ୍ରାମର ଦିନମଜୁରିଆ ଯୋଗେନ୍ଦ୍ର ମଲିକଙ୍କ ପତ୍ନୀ ମାଣିକ ମଲିକ ମହିଳା ନ୍ୟାୟ ପାଇଁ ଶନିବାର ଜିଲାପାଳଙ୍କଠାରେ ନେହୁରା ହୋଇଛନ୍ତି । ତାଙ୍କ କହିବା ଅନୁସାରେ ବାରମ୍ବାର ପେଟ ଯନ୍ତ୍ରଣା ହେବାରୁ ୨୦୨୧ ମସିହା ଅଗଷ୍ଟ ୨ ତାରିଖରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟ ବହିର୍ବିଭାଗ ଡାକ୍ତରଙ୍କୁ ଦେଖାଇଥିଲେ । ଡାକ୍ତରଙ୍କ ସୁପାରିଶ କ୍ରମେ ଡାକ୍ତରଖାନାରେ ତାଙ୍କର ଅଲଟ୍ରାସାଉଣ୍ଡ ବି ହୋଇଥିଲା । ରିପୋର୍ଟରେ ତାଙ୍କର ଅଗ୍ନାଶୟରେ ପଥର ଥିବା ଜଣାପଡ଼ିବା ପରେ ଡାକ୍ତର ପ୍ରେସକ୍ରିପ୍ସନ କରିବା ସହ ଆଜୀବନ ଔଷଧ ଖାଇବାକୁ ପଡ଼ିବ ବୋଲି କହିଥିଲେ । ସେହି ଅନୁସାରେ ମାଣିକ ୨/୪ମାସ ଔଷଧ ଖାଇବା ପରେ ବି ଯନ୍ତ୍ରଣା ବଢ଼ିବା ପରେ ସେ ଘରୋଇ ଡାକ୍ତର, କଟକ ବଡ଼ ଡାକ୍ତରଖାନା ଓ ଏମ୍ସରେ ଡାକ୍ତର ଦେଖାଇ ଅଲଟ୍ରାସାଉଣ୍ଡ ବି କରିଥିଲେ । ମାତ୍ର ଅଗ୍ନାଶୟରେ ପଥର ନଥିବା ରିପୋର୍ଟ ଆସିଥିଲା । ତେବେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ଭୁଲ ଅଲଟ୍ରାସାଉଣ୍ଡ ରିପୋର୍ଟ ଅନୁସାରେ ଦୀର୍ଘଦିନ ଅନାବଶ୍ୟକ ଔଷଧ ଖାଇବା ଫଳରେ ସେ ମଧୁମେହ ସାଙ୍ଗକୁ ଏବେ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଅଛନ୍ତି । ଇନସୁଲିନ ନ ନେଲେ ସେ ଚାଲିପାରୁ ନାହାନ୍ତି । ଏଭଳି ସ୍ଥିତିରେ ତାଙ୍କ ପାଇଁ ଆବଶ୍ୟକ ଔଷଧ ନିରାମୟ କାଉଣ୍ଟରରେ ବି ମିଳୁନି କିମ୍ବା ଔଷଧ ପାଇଁ ସରକାରଙ୍କ ପକ୍ଷରୁ ଖର୍ଚ୍ଚ ମଧ୍ୟ ମିଳୁନାହିଁ ବୋଲି ମାଣିକ କହିଛନ୍ତି । ଜିଲାମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ ଅଲଟ୍ରାସାଉଣ୍ଡ ଅପରେଟରଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟଧାରା ଯୋଗୁଁ ତାଙ୍କ ଜୀବନ ଏବେ ବିପନ୍ନ ହୋଇଥିବା ସେ ଅଭିଯୋଗ କରିଛନ୍ତି । ଆପାତତଃ ବଞ୍ଚିବା ପାଇଁ ଆବଶ୍ୟକ ଔଷଧ ଯୋଗାଇ ଦେବାକୁ ସେ ଜିଲାପାଳଙ୍କୁ ନେହୁରା ହୋଇଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

୪୦ ଉପରେ ୧୮ ସହରର....

ଝାରସୁଗୁଡା ଏବଂ ସୁନ୍ଦରଗଡରେ ସର୍ବାଧିକ ୪୪ ଡ଼ିଗ୍ରୀ ରେକର୍ଡ ହୋଇଛି । ସେହିପରି ବାଲେଶ୍ୱରରେ ୪୦.୪, ଅନୁଗୁଳରେ ୪୨.୧, ସମ୍ବଲପୁର ୪୨.୬,ହୀରାକୁଦ ୪୨, ତାଳଚେର ୪୨.୫ , ଭବାନୀପାଟଣା ୪୦ , ବଲାଙ୍ଗୀରରେ ୪୩.୨, ଟିଟିଲାଗଡ ଓ ବୌଦ୍ଧ ରେ ୪୨.୫, ମାଲକାନଗିରି ୪୧,ପାରଳାଖେମୁଣ୍ଡି ୪୧.୫, ଯାଜପୁର ୪୦, ବରଗଡ ୪୩.୫, ଦେବଗଡ ୪୨.୮ ଓ ନୂଆପଡାରେ ୪୧.୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ....

ରତନ ଲାଲଙ୍କୁ ଜାମିନ ଦେଇଛନ୍ତି । ସେ ଜାମିନ ଅର୍ଡରେ ଲେଖିଛନ୍ତି ଯେ ଅଭିଯୁକ୍ତ ରତନ ଲାଲ ତଦନ୍ତବେଳେ ସଂପୂର୍ଣ୍ଣ ସହଯୋଗ କରିବେ । ତଦନ୍ତକାରୀ ଅଧିକାରୀ ଯେତେବେଳେ ବି କହିବେ, ତାଙ୍କୁ ସହଯୋଗ କରିବାକୁ ପଡ଼ିବ । ତଦନ୍ତ ଚାଲୁଥିବାରୁ ଘଟଣା ସମ୍ପର୍କରେ ଅଭିଯୁକ୍ତ ଜଣଙ୍କ କୌଣସି ପ୍ରକାରର ପୋଷ୍ଟ ସୋଶାଲ ମିଡିଆରେ କରିବେ ନାହିଁ । ସେହିପରି କୌଣସି ସାକ୍ଷାତକାର ମଧ୍ୟ ଘଟଣା ସମ୍ପର୍କରେ କାହାକୁ ଦେବେ ନାହିଁ ।

ଆନ୍ତଃରାଜ୍ୟ ପରିଷଦ ଷ୍ଟାଣ୍ଡିଂ କମିଟିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୨୧/୦୫ (ନି.ପ୍ର): କେନ୍ଦ୍ର ସରକାର ଘୋଷଣା କରିଥିବା ନୂତନ ଆନ୍ତଃରାଜ୍ୟ ପରିଷଦ ଷ୍ଟାଣ୍ଡିଂ କମିଟିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅ

ବାଲେଶ୍ୱର, ରବିବାର, ୨୨ ମଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

୬୦ଲକ୍ଷ ଖର୍ଚ୍ଚ ପରେ ବି ସୁଧୁରିଲାନି ଅବସ୍ଥା

ଖଇରା୨୧/୦୫ (ନି.ପ୍ର): ବାଲେଶ୍ୱର ଜିଲ ଅଧୀନ ଖଇରା ବ୍ଲକର ପ୍ରଥମ ୫ଟି ରୁପାନ୍ତରଣ ସ୍କୁଲ ଭାବେ ଖଇରା ହାଇସ୍କୁଲ ଅନ୍ତର୍ଭୁକ୍ତ ହେବା ସହ ଏହା ଖଇରା ଅଞ୍ଚଳ ପାଇଁ ଗର୍ବ ବୋଲି କୁହାଯାଉଛି । ହେଲେ ବାହାରକୁ ସ୍ମାର୍ଟ ଦେଖାଯାଉଥିବା ସ୍କୁଲର ଭିତରକୁ ଚାହିଁଲେ ସ୍ମାର୍ଟ ଠାରୁ କିଛି ପଛରେ ରହି ଯାଇଛି । ଧିରେ ଧିରେ ଏହି ଅଭାବ ଏବେ ସାଧାରଣ ଲୋକଙ୍କ ଦୃଷ୍ଟି ଗୋଚର ହେଉଛି । ବିଶେଷ କରି ଗୁରୁବାର ଦିନ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଶୌଚାଳୟ ପରିଦର୍ଶନ ବେଳେ ତାଙ୍କ ନଜରକୁ ଆସିବା ଏବଂ ଏଥିଲାଗି ବ୍ଲକ ପ୍ରଶାସନ ଉପରେ ବିରକ୍ତି ପ୍ରକାଶ କରିବା ପରେ କାର୍ଯ୍ୟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଥମ ସରକାରୀ ଭାବେ ଖଇରା ସ୍କୁଲ ୫ଟିରେ ଅନ୍ତର୍ଭୁକ୍ତ ହେବା ପରେ ସ୍ମାର୍ଟ କ୍ଲାସ ଲାଇବ୍ରେରୀ, ଲାବୋରେଟୋରୀ, ପାଣି ସଂଯୋଗ, ଖେଳପଡିଆ ଇତ୍ୟାଦି ସୌନ୍ଦର୍ଯ୍ୟକରଣ ୫ଟିରେ ପାଇଁ ୩୭ଲକ୍ଷ ମିଳିଥିବା ବେଳେ ଅନ୍ୟାନ୍ୟ ପାଣ୍ଠି ମିଶାଇ ପାଖାପାଖି ୬୦ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ଗତ ନଭେମ୍ବର ୧୧ତାରିଖରେ ଖୋଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାର ଅନ୍ୟ ବିଦ୍ୟାଳୟ ସହ ଖଇରା ବିଦ୍ୟାଳୟ କୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ । ହେଲେ କାମ ଆଶାନୁରୁପ ହୋଇ ନଥିବା ନେଇ ଅଭିଯୋଗ ହୋଇଛି । ଶୌଚାଳୟ ନିର୍ମାଣ ବେଳେ କାନ୍ଥ ଟାଲିକୁ ଚଟାଣରେ ବିଛା ଯିବା ଏବଂ ଛାତ୍ରୀଛାତ୍ର ମାନେ ଭୟରେ ଶୌଚାଳୟ ନଯିବା ଯୋଗୁଁ ଏଗୁଡିକ ଆବର୍ଜନାପୂର୍ଣ୍ଣ ହୋଇ ପଡିଛି । ଯାହା କୁ ନେଇ ମନ୍ତ୍ରୀ ବ୍ଲକ ପ୍ରଶାସନ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ । ଏବେ ଦ୍ୱିତୀୟ ପର୍ଯ୍ୟାୟରେ ୧୮ଟି ବିଦ୍ୟାଳୟ କାମ ଚାଲୁଥିବା ବେଳେ ଏହାର ସଫଳ ରପାୟନ ନେଇ ପ୍ରଶ୍ନ ଉଠିଛି । ନିର୍ଦ୍ଧିଷ୍ଟ ଏଜେନ୍ସିକୁ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଯୋଗୁଁ ଏହି ରୁପାନ୍ତରଣ ଲକ୍ଷ ଉଦ୍ଦେଶ୍ୟ ପୁରଣରେ ବାଧା ସୃଷ୍ଟି କରୁଥିବା ନେଇ କିଛି ଅବିଭାବକ, ସ୍କୁଲ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ପଚାରିବାରେ ସବୁ କିଛି ସରକାରୀ ଗାଇଡଲାଇନ ଭିତରେ ହେଉଛି । କାମ କରିବା ବେଳେ କାଁଭାଁ ଭୁଲ ହେଲେ ପୁରା ଯୋଜନା ଉପରେ ପ୍ରଶ୍ନ ଉଠିବା ଯୁକ୍ତିଯୁକ୍ତ ନୁହେଁ ବୋଲି କହିଛନ୍ତି ।

୭ଟି ବିଦ୍ୟୁତ ପ୍ରକଳ୍ପ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧/୦୫ (ନି.ପ୍ର): ବିଦ୍ୟୁତ ହେଉଛି ବିକାଶର ଜୀବନରେଖା । ପାଣି ପରି ବିଦ୍ୟୁତ ଆଜି ସମସ୍ତଙ୍କ ପାଇଁ ଖୁବ ଜରୁରୀ । ତେଣୁ ବିଦ୍ୟୁତ ଶକ୍ତି ଅପଚୟ ନ କରି ଏହାର ଉଚିତ ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅନୁରୋଧ କରିଛନ୍ତି । ଆଜି ଭିଡିଓ କନ୍ଫରେନ୍ସିଂ ଯୋଗେ ରାୟଗଡା, ନବରଂଗପୁର, କଳାହାଣ୍ଡି, ସମ୍ବଲପୁର, କେନ୍ଦୁଝର ଓ ଖୋର୍ଦ୍ଧା ଜିଲ୍ଲାରେ ୬ଟି ଉଚ୍ଚ ଶକ୍ତି ସଂପନ୍ନ ଗ୍ରୀଡ ସବ୍‌ଷ୍ଟେସନ ଓ ବଲାଙ୍ଗୀର-କେସିଙ୍ଗାରେ ୨୨୦ କେଭି ଟ୍ରାନ୍ସମିଶନ ଲାଇନ ଉଦ୍ଘାଟନ କରି ଲୋକଙ୍କୁ ଗୁଣାତ୍ମକ ତଥା ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ଯୋଗାଇ ଦେବାରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି । ଏହି ୬ଟି ଉଚ୍ଚଶକ୍ତି ସଂପନ୍ନ ଗ୍ରୀଡ ସବ୍‌ଷ୍ଟେସନ ଓ ଗୋଟିଏ ୨୨୦ କେଭି ଡବଲ ସର୍କିଟ ଟ୍ରାନସ୍‌ମିଶନ ଲାଇନ ପାଇଁ ୪୫୦ କୋଟି ଟଙ୍କା ବିନିଯୋଗ ହୋଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ନୂତନ ବ୍ୟବସ୍ଥା ଦ୍ୱାରା କଳାହାଣ୍ଡି, ରାୟଗଡା, ନବରଂଗପୁର, କେନ୍ଦୁଝର, ସମ୍ବଲପୁର ଓ ଖୋର୍ଦ୍ଧା ଜିଲ୍ଲାର ଚାଷୀ, ଛାତ୍ରଛାତ୍ରୀ ଓ ମା ମାନେ ବିଶେଷ ଉପକାର ପାଇବେ । କ୍ଷୁଦ୍ର ଶିଳ୍ପ ଓ ଜଳସେଚନ ପ୍ରକଳ୍ପ ଗୁଡିକ ମଧ୍ୟ ଉପକାର ପାଇବେ ବୋଲି ସେ କହିଥିଲେ । ଜନସାଧାରଣଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ୩୮୦୦ କୋଟି ଟଙ୍କା ବ୍ୟୟ ଅଟକଳରେ Odisha Distribution System Strengthening Project ଆରମ୍ଭ କରିଥିଲେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୪୩୦ଟି ୩୩/୧୧ କେଭି ସବ୍‌ଷ୍ଟେସନ କାର୍ଯ୍ୟକାରୀ କରାଯାଇଛି । ରାଜ୍ୟରେ ଲୋ-ଭୋଲ୍‌ଟେଜ ସମସ୍ୟା ଦୂର କରିବା ପାଇଁ ସରକାର ଏହି ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ୧୮୦୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଷାନ୍ତ ସିଂ, ଖୋର୍ଦ୍ଧାରେ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଅଶୋକ ପଣ୍ଡା, କଳାହାଣ୍ଡିରେ ଶକ୍ତି ମନ୍ତ୍ରୀ ଶ୍ରୀ ଦିବ୍ୟଶଂକର ମିଶ୍ର, କେନ୍ଦୁଝରରେ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ପ୍ରେମାନନ୍ଦ ନାୟକ ଓ ରାୟଗଡା-ଗୁଣୁପୁରରେ ବିଧାୟକ ଶ୍ରୀ ରଘୁନାଥ ଗମାଙ୍ଗ ପ୍ରମୁଖ ଉପସ୍ଥିତ ରହି ବିଦ୍ୟୁତ ଭିତ୍ତିଭୂମିର ବିକାଶ ଦ୍ୱାରା ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି ବୋଲି ମତବ୍ୟକ୍ତ କରିବା ସହିତ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱର ଉଚ୍ଚପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ସଂଚାଳନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଶକ୍ତି ବିଭାଗ ପ୍ରମୁଖ ସଚିବ ଶ୍ରୀ ନିକୁଞ୍ଜ ଧଳ ସ୍ୱାଗତ ଭାଷଣ ଦେଇଥିଲେ । ଡଚଞ୍ଚଉଖର ପରିଚାଳନା ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ ।

ଗେଲଟୁଆ ଚର୍ଚ୍ଚ ପରିସରରେ ୧୪୪ ଧାରା ଜାରି

ଭଦ୍ରକ,୨୧/୦୫ (ନି.ପ୍ର): ଭଦ୍ରକ ବ୍ଲକ୍‌ର ଗେଲଟୁଆ ଠାରେ ନିର୍ମାଣ କରାଯାଇଥିବା ଚର୍ଚ୍ଚକୁ ନେଇ ଅଧିକାଂଶ ସମୟରେ ଗୋଷ୍ଠୀ ବିବାଦ ଲାଗି ରହୁଥିବାରୁ ସମ୍ଭାବ୍ୟ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାକୁ ଦୃଷ୍ଟିରେ ରଖି ଆଜି ପ୍ରଶାସନ ତରଫରୁ ସେଠାରେ ୧୪୪ ଧାରା ଜାରି କରାଯାଇଛି । ଉପଖଣ୍ଡ ମାଜିଷ୍ଟ୍ରେଟ୍ ତଥା ଉପଜିଲ୍ଲାପାଳଙ୍କ ଦ୍ୱାରା ଜାରି କରାଯାଇଥିବା ୧୪୪ ଧାରାକୁ ଆଜି ପୂର୍ବାହ୍ନରେ ଭଦ୍ରକ ତହସିଲଦାରଙ୍କ କାର୍ଯ୍ୟାଳୟ ଦ୍ୱାରା ପୋଲିସଙ୍କ ଉପସ୍ଥିତିରେ କାର୍ଯ୍ୟକାରୀ କରାଯାଇଛି । ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେଠାରେ ଜନସମାଗମକୁ ନିଷିଦ୍ଧ କରାଯିବା ସହିତ ଚର୍ଚ୍ଚ ପରିସର ଓ ଆଖପାଖରେ ୩ଜଣ ରୁ ଅଧିକ ଲୋକ ଏକାଠି ହେବାକୁ ବାରଣ କରାଯାଇଛି ।

ଜୁନ ୮ରୁ ପାଞ୍ଚଦିନିଆ ପଲିଶ୍ରୀ ମେଳା

ବାଲେଶ୍ୱର,୨୧/୦୫ (ନି.ପ୍ର): ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ 'ବାଲେଶ୍ୱର ପଲ୍ଲିଶ୍ରୀ ମେଳା' ୨୦୨୨ ଆସନ୍ତା ଜୁନ୍ ୮ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯିବା ସହିତ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ଦାୟିତ୍ୱ ବଂଟନ କରାଯାଇଛି । ମେଳାରେ ଡିଆରଡିଏ, ଓରମାସ, ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ଲାଇନ ଡିପାର୍ଟମେଂଟ ଏବଂ ଘରୋଇ ସଂସ୍ଥାର ପ୍ରାୟ ୩ଶହ ଷ୍ଟଲ ସ୍ଥାନୀତ କରାଯିବା ନିମନ୍ତେ ଯୋଜନା ହୋଇଥିବା ବେଳେ ଷ୍ଟଲ୍ ବୁକିଂ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଭାଗୀୟ ଅଧିକାରୀମାନଙ୍କ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟବସାୟିକ ସଂସ୍ଥାମାନଙ୍କୁ ଯୋଗାଯୋଗ କରାଯାଉଛି । ମେଳାରେ ଷ୍ଟଲ ବୁକିଂ ପାଇଁ ଆଗ୍ରହୀ ସଂସ୍ଥାମାନେ ବାଲେଶ୍ୱର ଡିଆରଡିଏ, ଓରମାସ ଏବଂ ଡିଆଇସି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି । ମେଳା ୫ଦିନ ଯାକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ମଧ୍ୟ ପଦକ୍ଷେପ ନିଆଯାଇଛି । ଏଥି ନିମନ୍ତେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ କଳାକାର ଓ ସାଂସ୍କୃତିକ ଦଳମାନଙ୍କୁ ଯୋଗାଯୋଗ କରାଯାଉଛି । ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ମେଳାର ସଫଳ ଆୟୋଜନ ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଉଛି । ବିଶେଷ କରି ଆଇନଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା, ହୋର୍ଡିଂ ଓ ଷ୍ଟଲ୍ ସ୍ଥାପନ, ପାନୀୟ ଜଳ, ଅଗ୍ନିଶମ ବ୍ୟବସ୍ଥା, ମେଳାର ପ୍ରଚାର ଓ ପ୍ରସାର, ଉଦଘାଟନୀ ଓ ଉଦଯାପନୀ ଉତ୍ସବ ଇତ୍ୟାଦିକୁ ଗୁରୁତ୍ୱ ଦେଇ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓରମାସ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ମେଳାକୁ କିଭଳି ଅଧିକ ଆକର୍ଷଣୀୟ କରାଯାଇପାରିବ ସେ ଦିଗରେ ଉଦ୍ୟମ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ପରାମର୍ଶ ଦେଇଛନ୍ତି ।

'ମଧୁମେୟ ରୋଗୀଙ୍କ ପାଇଁ ଖାଦ୍ୟ ସାରଣୀ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ

ଉଦଳା, ୨୧/୦୫ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ତରଫରୁ 'ମଧୁମେୟ ରୋଗୀଙ୍କ ପାଇଁ ଖାଦ୍ୟ ସାରଣୀ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଗୃହ ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପିକା କୁମକୁମ ଦାସ ଆଲୋଚନା ଚକ୍ରରେ ଅଧ୍ୟକ୍ଷତା କରିବା ସହ ଆମ ଦେଶରେ ମଧୁମେୟ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ଏହା ବର୍ତ୍ତମାନ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟି ଯାଇଛି ବୋଲି ବ୍ୟକ୍ତ କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଶଶିଭୂଷଣ ପାଣିଗ୍ରାହୀ, ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପିକା ମଞ୍ଜୁଳା କଲିଆ, ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ସୁଧାରାଣୀ ବେହେରା ଓ ଗଣିତ ବିଭାଗର ଅଧ୍ୟାପକ ସୁବ୍ରତ କୁମାର ପାଣିଗ୍ରାହୀ ଅଂଶ ଗ୍ରହଣ କରି ମଧୁମେୟ ରୋଗରେ ପିଡ଼ିତ ବ୍ୟକ୍ତି ନିୟମିତ ବ୍ୟାୟାମ ସହିତ ଖାଦ୍ୟାଭାସରେ ପରିବର୍ତ୍ତନ କରିବା ଆବଶ୍ୟକତା ରହିଛି । ଏହାକୁ ଯଦି ସେ ଅକ୍ଷରେ ଅକ୍ଷରେ ପାଳନ କରନ୍ତି ତେବେ ମଧୁମେୟ, ଶରୀର ମଧ୍ୟରେ ଅବଦମିତ ହୋଇ ରହେ କୌଣସି କ୍ଷତି କରିପାରେ ନାହିଁ ବୋଲି କହିଥିଲେ । ଛାତ୍ରୀ ମାନଙ୍କ ମଧ୍ୟରେ ରଜନୀ ଟୁଡୁ ଓ ଗିତାଞ୍ଜଳୀ ମାନକ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ । ଗୃହ ବିଜ୍ଞାନ ବିଭାଗର ଡ଼େମନଷ୍ଟ୍ରେଟର ସୁପ୍ରୀତି ନାୟକ ମଧୁମେୟ ରୋଗୀ ନିଶାଦ୍ରବ୍ୟ ସେବନ ଠାରୁ ସମ୍ପୂର୍ଣ୍ଣ ଦୁରେଇ ରହିବା ଉଚିତ ବୋଲି କହିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

୧୨୦ଛାତ୍ରୀ ନେଲେ ଆତ୍ମରକ୍ଷା ପ୍ରଶିକ୍ଷଣ

ଖଇରା,୨୧/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡଃ ହରେକୃଷ୍ଣ ମହତାବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏପ୍ରିଲ ୪ତାରିଖରୁ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ଅଧ୍ୟକ୍ଷା ଚନ୍ଦନା ଘଡେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜିକା ମାଳତୀଲତା ହାତୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମଦାତ୍ରୀ ମମତା ସାମଲ ୧୨୦ଜଣ ଛାତ୍ରୀଙ୍କୁ ୪ପର୍ଯ୍ୟାୟରେ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିଖାଇଥିଲେ । ଶନିବାର ଚନ୍ଦନା ଘଡେଇଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଅଧ୍ୟାପିକା ଗୀତାଞ୍ଜଳି ମହୁରୀ ଓ ବବିତା ବଳବନ୍ତରାୟ,ଅଧ୍ୟାପକ ଦତ୍ତାତ୍ରେୟ ଦାସ ପ୍ରମୁଖ ଯୋଗ ଦେଇ ଛାତ୍ରୀ ମାନେ କିଭଳି ନିଜକୁ ସୁରକ୍ଷିତ ରଖି ପାରିବେ ସେ ସମ୍ପର୍କରେ ସୁଚନା ଦେଇଥିଲେ ।ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ।

କାଳ ବୈଶାଖିରେ ଜଳେଶ୍ୱରର ବ୍ୟାପକ କ୍ଷତି : ୩୬ ଘଣ୍ଟା ଧରି ବିଦ୍ୟୁତ୍ ସେବା ବ୍ୟାହତ

ଜଳେଶ୍ୱର, ୨୧/୫ (ନି.ପ୍ର): ଓଡିଶାରେ ମୌସୁମୀ ଛୁଇଁବା ପୂର୍ବରୁ ଗତ କିଛିଧରି କାଳ ବୈଶାଖି ଲାଗି ରହିଛି । ଦିନରେ ପ୍ରବଳ ଗୁଳୁଗୁଳି ଜନଜୀବନକୁ ଅନ୍ତବ୍ୟସ୍ତ କରୁଥିବା ବେଳେ ଅପରାହ୍ନରେ ପ୍ରବଳ ପବନ ଓ ବର୍ଷା ଯୋଗୁଁ ବ୍ୟାପକ କ୍ଷତି ଘଟୁଛି । ବିଦ୍ୟୁତ୍ ସରବରାୟ ହେଉ ନ ଥିବାରୁ ପିଇବାପାଣି ଲାଗି ଏକ ସମସ୍ୟା ସୃଷ୍ଟି ହୋଇଛି । ଗତ ୫ ଦିନ ଧରି ଗୁଳୁଗୁଳି ଲାଗି ରହିବା ଓ ତାପମାତ୍ରା ବୃଦ୍ଧି ପାଉଥିବାରୁ ୩ ଦିନ ଧରି ଅପରାହ୍ନରେ କଳାହାଣ୍ଡିଆ ମେଘ ସହିତ ଘୂର୍ଣ୍ଣିଝଡ, ଧୂଳି ଝଡ ଦେଖା ଦେଇ ଆସୁଛି । ଫଳରେ ବର୍ଷା ଲାଗି ରହିବା ସହିତ ବ୍ୟାପକ ଗଛ ଭାଂଗି ପଡିଛି । ଫଳରେ ଗାଁ ଗହଳିର ରାସ୍ତାଘାଟରେ ଗଛ ଭାଂଗି ପଡିଛି, ନଡା ଓ ଆଜେବେଷ୍ଟ ଉଡି ଯାଇଥିବା ଦେଖିବାକୁ ମିଳିଛି । ଚାଷୀମାନଙ୍କ ଖଳାରେ ଠୁଳ ହୋଇଥିବା ଏପରିକି ଗତ ଶୁକ୍ରବାର ଠାରୁ ପ୍ରତ୍ୟେକ ପ୍ୟାକ୍ସରେ ଧାନ କ୍ରୟ ଆରମ୍ଭ ହୋଇଥିବାରୁ ପଡିଥିବା ଧାନବସ୍ତା ଓଦା ହୋଇଯାଇଛି । ଝଡବତାଶ ଯୋଗୁଁ ବହୁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫରମର ମାଟିରେ ଲୋଟିଛି । ଜଳେଶ୍ୱର ସହରକୁ ବାଦ୍ ଦେଷେଳ ଗ୍ରାମାଂଚଳରେ ୩୬ ଘଣ୍ଟା ଧରି ବିଦ୍ୟୁତ୍ ହେବା ନ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ପିଶବାପାଣି ନ ପାଇ ଲୋକେ ହିନସ୍ତା ହେଉଛନ୍ତି । ପରିବା ଚାଷର ମଧ୍ୟ ବ୍ୟାପକ କ୍ଷତି ଦେଖା ଦେଇଛି । ତେଣୁ କ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତ ମାନଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

ଗୋଟିଏ ଦିନରେ ୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୧/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୩୫୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୦୬୨ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୧୬ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୫ ଜଣ ସଂଗରୋଧରୁ ଓ ୩ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରୁ ୧ ତଥା ସୁନ୍ଦରଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଷ୍ଟେଟ ପୁଲରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୭ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

ବାରିପଦାରେ ଜାଗା ସମ୍ପର୍କ ଅଭିଯାନର ଶୁଭାରମ୍ଭ